## ଅମାନିଆ ଗାଡ଼ି ଚାଳକ ଗଣିଲେ ଜରିମାନା

ଖଇରା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ଅଧୀନ ଖଇରା ବଜାର ରେ ସୋର-କୁପାରୀ ରାଜ୍ୟ ରାଜପଥରେ ବୁଧବାର ପରିବହନ ବିଭାଗ ଓ ଖଇରା ପୋଲିସ ତରଫରୁ ମିଳିତ ଚଢ଼ାଉ କରାଯାଇଥିଲା । ଏଥିରେ ହେଲମେଟ ତଥା ଅନ୍ୟାନ୍ୟ କାଗଜପତ୍ର ନ ଥିବା ଅମାନିଆ ଗାଡି ଚାଳକଙ୍କ ନିକଟରୁ ୧ଲକ୍ଷ ୭୦ହଜାର ଚାଲାଣ କଟାଯାଇଥିବା ବେଳେ ନଗଦ ୧୦ହଜାର ଟଙ୍କା ଆଦାୟ କରାଯାଇଥିଲା। ଜଣେ ନାବାଳକ ଛାତ୍ରଙ୍କ ଗାଡି ଅଟକ ରଖାଯାଇଛି । ଟ୍ରାଫିକ ନିରୀକ୍ଷକ ସମରେନ୍ଦ୍ର ମହାପାତ୍ର ଓ ଖଇରା ଥାନା ଆଇଆଇସି ଗଣେଶ୍ୱର ପ୍ରଧାନ ଏହାର ନେତୃତ୍ୱ ନେଇଥିଲେ ।

## ସଂକ୍ଷେପରେ

### ଗୋରୁ ବୋଝେଇ ଗାଡ଼ି ଜବତ

ଭଣ୍ଡାରିପୋଖରୀ,୫।୪(ସ୍ୱ.ପ୍ର.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଛତାବର ଟୋଲ୍‌ଗେଟ ନିକଟରୁ ବୁଧବାର ବେଆଇନ ଗୋରୁ ବୋଝେଇ ୨ ପିକ୍‌ଅପ୍ ଭ୍ୟାନ ଜବତ ହୋଇଛି। ଏହି ଗାଡ଼ି ଦୁଇଟି କଟକରୁ ବାଲେଶ୍ୱର ଅଭିମୁଖେ ଆସୁଥିଲା ବେଳେ ପାଣିକୋଇଲିଠାରୁ ବଜରଙ୍ଗ ଦଳର ସଦସ୍ୟମାନେ ଏହାକୁ ଧରିବା ପାଇଁ ଚେଷ୍ଟା କରିଥିଲେ। ଅପରାହ୍ନ ୩ଟା ବେଳେ ଛତାବର ଟୋଲ୍‌ଗେଟଠାରେ ବଜରଙ୍ଗୀ ଦଳର ସଦସ୍ୟ ଓ ସ୍ଥାନୀୟ ଲୋକେ ଗାଡ଼ି ଦୁଇଟିକୁ ଅଟକାଇଥିଲେ। ତେବେ ଏସ୍କଟ ଦେଇ ଆସୁଥିବା ମାଫିଆମାନେ ଘଟଣାସ୍ଥଳରୁ ଖସିଯିବାକୁ ସକ୍ଷମ ହୋଇଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିଥିବା ବେଳେ ଅତି ଅମାନୁଷିକ ଭାବେ ବୋଝେଇ ହୋଇଥିବା ଗୋରୁଗୁଡ଼ିକୁ ଉଦ୍ଧାର କରିଥିଲେ। ୨ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଥିବା ବେଳେ ଉଦ୍ଧାର ୧୨ଗୋଟି ଗୋରୁଙ୍କୁ ମଇତାପୁର ଗୋ ଶାଳାକୁ ପଠାଇ ଦିଆଯାଇଛି।

### ତହସିଲଦାରଙ୍କ ଗାଡ଼ି ଧକ୍କାରେ ଯୁବକ ଆହତ

ବଡ଼ସାହି,୫।୪(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବଡ଼ସାହି-ପ୍ରତାପପୁର ରାସ୍ତାର ବାଲିଆ ସାହି ନିକଟରେ ବଡ଼ସାହି ତହସିଲଦାରଙ୍କ ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକ ଆହତ ହୋଇଛନ୍ତି। ତେବେ ଦୁର୍ଘଟଣା ପରେ ତହସିଲଦାର ମାନବିକତା ଦୃଷ୍ଟିରୁ ଆହତ ଯୁବକଙ୍କ ଚିକିତ୍ସା ପାଇଁ କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ତହସିଲଦାର ଯେଉଁ ଗାଡ଼ିରେ ଯାଉଥିଲେ ସେହି ଗାଡ଼ିର ଇନ୍‌ସ୍ୟୁରାନ୍ସ ମାର୍ଚ୍ଚ ମାସରେ ଶେଷ ହୋଇଯାଇଥିବା ସୂଚନା ମିଳିଛି। ଏଦିଗରେ ପ୍ରଶାସନ କ'ଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା।

### ଟ୍ରାକ୍ଟର ଜବତ, ଜରିମାନା ଆଦାୟ

ଗୋପବନ୍ଧୁ ନଗର,୫।୪(ଡି.ଏନ.ଏ.)- ଗୋପବନ୍ଧୁ ନଗର ବ୍ଲକ ଜୟପୁର ଅଞ୍ଚଳ ଦେଇ ପ୍ରବାହିତ ସୋନ ନଦୀରୁ ବୁଧବାର ଏକ ଟ୍ରାକ୍ଟର ଯୋଗେ ବାଲି ବୋଝେଇ ହୋଇ ଚାଲାଣ ହେଉଥିବା ବେଳେ ଉଦଳା ଥାନା ପୋଲିସ ହାତରେ ଧରା ପଡ଼ିଥିଲା। ଗୋପବନ୍ଧୁ ନଗର ତହସିଲଦାର ବିଶ୍ୱରଞ୍ଜନ ମହାନ୍ତି ଉକ୍ତ ଟ୍ରାକ୍ଟରଠାରୁ ୨୧ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି।

### ଜନହିତ ଯୁବକ ସଂଘର ବାର୍ଷିକୋତ୍ସବ

ଖଇରା, ୫।୪(ଡି.ଏନ.ଏ.)-ବାଲେଶ୍ୱର ଜିଲା ଅଧୀନ ଖଇରା ଓ ସିମୁଳିଆ ବ୍ଲକରେ ରୋଗୀ ଗରିବ ଅସହାୟଙ୍କ ପାଖରେ ପହଞ୍ଚି ସେବା ପ୍ରଦାନ କରୁଥିବା ଜନହିତ ଯୁବକ ସଂଘର ବାର୍ଷିକୋତ୍ସବ ନୟାଖଣ୍ଡି ପଞ୍ଚାୟତ କୋଟିଆକୋଇଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ଉପଦେଷ୍ଟା ତଥା ଆଇନଜୀବୀ ମନୋଜ ରାୟଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଯୋଗଗୁରୁ ସ୍ୱାମୀ ଧୀରେନ୍ଦ୍ରାଚାର୍ଯ୍ୟ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଦିଲୀପ କୁମାର ଦାସ ପ୍ରମୁଖ ଯୋଗଦେଇ ମାନବ ସେବା ମାଧମରେ ଈଶ୍ୱରଙ୍କ ଆଶୀର୍ବାଦ ମିଳିଥାଏ ଯାହାକୁ ଉକ୍ତ ଜନହିତ ଯୁବକ ସଂଘର ପ୍ରତ୍ୟେକ ସଦସ୍ୟ ବ୍ରତ ଭାବେ ଗ୍ରହଣ କରିଥିବା ନେଇ ପ୍ରକାଶ କରିଥିଲେ। ଏହି ଅବସରରେ ଚିକିତ୍ସା, କୃଷି, ସମ୍ବାଦ ପରିବେଷଣ, ସମାଜସେବା, ଶିକ୍ଷାକ୍ଷେତ୍ରକୁ ଅବଦାନ ଥିବା ବ୍ୟକ୍ତିବିଶେଷ ତଥା ୧୬ ସଙ୍ଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଇ ପବ୍ଲିକ ସ୍କୁଲର ଛାତ୍ରଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ସାଙ୍ଗକୁ ଅନ୍ୟାନ୍ୟ କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ସଂଘର ସମସ୍ତ ସଦସ୍ୟ ତଥା କଳିଙ୍ଗ ଉତ୍କଳ ଡିଫେନ୍ସ ଏକାଡେମୀର ସଦସ୍ୟମାନେ ସହଯୋଗ କରିଥିଲେ।

### ମା' ଶୀତଳାଙ୍କ ସପ୍ତଦିନାତ୍ମକ ପୂଜା ଆରମ୍ଭ

ରେମୁଣା, ୫।୪(ଡି.ଏନ.ଏ.)-ବାଲେଶ୍ୱର ଜିଲା ରେମୁଣା ବ୍ଲକ ତେନ୍ତୁଳିଦା ପଞ୍ଚାୟତ ସୋନ ନଦୀକୂଳରେ ଅବସ୍ଥିତ ଐତିହାସିକ ଗ୍ରାମ ବୋଇତବାଙ୍କରେ ମା'ଶୀତଳା ଦେବୀଙ୍କ ସପ୍ତଦିନାତ୍ମକ ପୂଜା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ୧୯୪୦ରୁ ଆରମ୍ଭ ହୋଇଥିବା ଏହି ପୂଜା ଉତ୍ସବ ୮୩ବର୍ଷରେ ପଦାର୍ପଣ କରିଛି। ମା'ଶୀତଳା ପୂଜା କମିଟି ତରଫରୁ ପୂଜା କାର୍ଯ୍ୟକୁ ସୁରୁଖୁରୁରେ ସଞ୍ଚାଳନ କରାଯାଉଛି। ସୋତ୍ରୀୟ ବ୍ରାହ୍ମଣମାନଙ୍କ ଦ୍ୱାରା ପ୍ରତ୍ୟେକ ଦିନ ମା'ଙ୍କ ନିକଟରେ ନିତ୍ୟାନ୍ତି ପୂଜା, ଚଣ୍ଡୀପାଠ, ହୋମ ଯଜ୍ଞ ଓ ଆରତୀ କରାଯାଉଛି। ସନ୍ଧ୍ୟାରେ ମା'ଙ୍କ ପ୍ରସିଦ୍ଧ ଆରତୀ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ସମାଗମ ହେଉଛି।

# 'ଯ' ନଦୀରେ ନୂତନ ପୋଲ ନିର୍ମାଣ

ଧାମନଗର, ୫।୪ (ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଭଗବାନପୁର ପଞ୍ଚାୟତ ପଳିକିରି ଗ୍ରାମ ଦେଇ ଯାଇଥିବା 'ଯ' ନଦୀ ଉପରେ ଥିବା କଂକ୍ରିଟ ପୋଲ ଦୀର୍ଘବର୍ଷ ହେଲା ବିପଦସଙ୍କୁଳ ଅବସ୍ଥାରେ ଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ପଳିକିରି ଛକ ମୁଖ୍ୟରାସ୍ତାଠାରୁ ଚନ୍ଦନେଶ୍ୱର ଗ୍ରାମ ପର୍ଯ୍ୟନ୍ତ ୩ କି.ମି. ରାସ୍ତା ପଳିକିରି ଗ୍ରାମ ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଚିଆଁ ବଜାର ନିକଟରେ ଏହି ନଦୀ ଉପରେ ପ୍ରାୟ ୨୫ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ପୋଲ ଥିଲା। ରକ୍ଷଣାବେକ୍ଷଣ ଅଭାବରୁ ଅନେକାଂଶରେ ଫାଟ ସୃଷ୍ଟି, ଖୁଣ୍ଟ ନଷ୍ଟ ସହ ପୋଲର ଉଭୟପାର୍ଶ୍ୱରେ ଗାର୍ଡୱାଲ ସବୁ ନଷ୍ଟ ହୋଇଯାଇଥିଲା। ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ସରପଞ୍ଚଙ୍କ ପ୍ରତିନିଧି କପିଳେନ୍ଦ୍ର ବଳ ଏକ ନୂତନ ପୋଲ ନିର୍ମାଣ ପାଇଁ ଦାବି କରିଥିଲେ। ଗତ ମାର୍ଚ୍ଚ ପ୍ରଥମ ସପ୍ତାହରେ ଉକ୍ତ ପୋଲଟି ଭଙ୍ଗାଯାଇ ଏକ ନୂତନ ପୋଲର ନିର୍ମାଣ କାର୍ଯ୍ୟ ଚାଲିଛି। ଚଳିତମାସ ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଯନ୍ତ୍ରୀ ମନୋରଞ୍ଜନ ମହାପାତ୍ର ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ବିପଦସଙ୍କୁଳ ଅବସ୍ଥାରେ ପୋଲ ଥିବା ନେଇ ଖବର ଗତବର୍ଷ ଜୁଲାଇ ୧୮ରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାର ୪ଦିନ ଭିତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଲେଖ ଚନ୍ଦ୍ର ସାହୁ, ଅଧୀକ୍ଷଣ ଯନ୍ତ୍ରୀ ଦୁର୍ଗାପ୍ରସାଦ କରଣ ପ୍ରମୁଖ ପୋଲର ସ୍ଥିତି ଅନୁଧ୍ୟାନ କରି ୨୫ଲକ୍ଷ ଟଙ୍କାର ଏଷ୍ଟିମେଟ ପ୍ରସ୍ତାବ ଦିଆଯାଇ ଏକ ନୂତନ ପୋଲ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନୂତନ ପୋଲ ନିର୍ମାଣ ଦ୍ୱାରା ପ୍ରାୟ ୧୦ ହଜାର ଲୋକ ଉପକୃତ ହେବେ ବୋଲି ଗ୍ରାମବାସୀ ଦିଲୀପ କୁମାର ଦାଶ, ରମଣୀ ରଞ୍ଜନ ଦାଶ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିତ୍ୟାନନ୍ଦ ଦାଶ, ଅଶୋକ କୁମାର ଜେନା, ପଦ୍ମନାଭ ମହାପାତ୍ର, ରବୀନ୍ଦ୍ର ପ୍ରଧାନ ଏବଂ ସରପଞ୍ଚ କାଞ୍ଚନ ସ୍ୱାଇଁ କହିଛନ୍ତି।


ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି।

# ଶିକ୍ଷକଙ୍କ ବଦଳିକୁ ବିରୋଧ


ସ୍କୁଲ୍ ଗେଟ୍‌ରେ ତାଲା ପକାଇ ଧାରଣା।

ଲଙ୍ଗଳେଶ୍ୱର, ୫।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ କୁସିଦା କୁଦପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ପାଠ ପଢ଼ାଇବା ପାଇଁ ମାତ୍ର ୩ ଜଣ ଶିକ୍ଷକ ରହିଥିଲେ। ତେବେ ଗତ ମଙ୍ଗଳବାର କୌଣସି ସୂଚନା ନ ଥାଇ ସହକାରୀ ଶିକ୍ଷୟିତ୍ରୀ ବିକାଶିନୀ ସାହୁଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହାବ୍ୟତୀତ ଏହି ବିଦ୍ୟାଳୟର ଅନ୍ୟ ଜଣେ ଶିକ୍ଷୟିତ୍ରୀ ୪ ମାସ ପରେ ଚାକିରିରୁ ଅବସର ନେବେ। ଫଳରେ ପାଠ ପଢ଼ାରେ ବାଧାପ୍ରାପ୍ତ ହେବାର ଆଶଙ୍କା କରି ଛାତ୍ରୀଛାତ୍ର ଓ ଅଭିଭାବକମାନେ ଗେଟ୍‌ରେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଶିକ୍ଷୟିତ୍ରୀ ବଦଳି ବାତିଲ୍ ନ ହେଲେ ଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ସଭାପତି ଶଙ୍କର୍ଷଣ ବେହେରା, ଭାରତୀ ଜେନା, ରାଜେଶ କୁମାର ମୈକାପ, ବୈକୁଣ୍ଠ ନାଥ ମହାନ୍ତି, ଅଜୟରାମ ମୂଳା, ଶ୍ରୀହରି ସାମନ୍ତ, ନୀଳାମ୍ବର ମୈକାପ, ବଂଶୀଧର ସାମନ୍ତ, ମିଥୁନ ଚକ୍ରବର୍ତ୍ତୀ, ପଙ୍କଜିନୀ ମୈକାପ, ମିନାକ୍ଷୀ ଜେନା, ଆଶ୍ଳଲତା ମୂଳା, ପୁଷ୍ପଲତା ଆଦେକ, କବିତା ମୈକାପ, ମାମୁନୀ ଚକ୍ରବର୍ତ୍ତୀ, ଅନୁସୟା ସାମନ୍ତ, ଜଳିରାଣୀ ମୈକାପ ଓ ସୁମିତ୍ରା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ୪୯ ପ୍ରକଳ୍ପ ଉଦ୍‌ଘାଟନ, ୩୦ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ


ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଓ ଅନ୍ୟମାନେ।

ଜଳେଶ୍ୱର, ୫।୪(ଡି.ଏନ.ଏ.)

ରାଜ୍ୟର ଉତ୍ତର ପ୍ରବେଶପଥ ଜଳେଶ୍ୱର ପୌରପାଳିକାର ସର୍ବାଙ୍ଗୀନ ବିକାଶ ଲାଗି ପ୍ରଚେଷ୍ଟା ଜାରି ରହିଛି ଓ ଆଗାମୀ ଦିନରେ ଜନସଚେତନତା ଓ ସହଯୋଗ ମିଳିଲେ ପ୍ରଗତି ତ୍ୱରାନ୍ୱିତ ହେବ ବୋଲି ଭାଷା, ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏବଂ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ କହିଛନ୍ତି।

ଜଳେଶ୍ୱର ପୌରପରିଷଦ ପକ୍ଷରୁ ୩ କୋଟି ୧୮ ଲକ୍ଷ ୨୭ ହଜାର ୪୧୯ ଟଙ୍କା ବ୍ୟୟରେ ୪୯ ପ୍ରକଳ୍ପ ଉଦ୍‌ଘାଟନ ହୋଇଥିବା ବେଳେ ୧୦କୋଟି ୧୦ ଲକ୍ଷ ୪୦ ହଜାର ୭୮୦ ଟଙ୍କାର ୩୦ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଉଦ୍‌ଘାଟକ ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖ ପାର୍କରେ ଭକ୍ତକବି ଦୀନକୃଷ୍ଣଙ୍କର ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ତାଙ୍କ ବିଭାଗ ପକ୍ଷରୁ ପ୍ରତିଷ୍ଠା କରାଯିବାର ଓ ସହରର ଅନ୍ୟ କୌଣସି ସ୍ଥାନରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସମ୍ପର୍କରେ ସେ ଘୋଷଣା କରିଥିଲେ । ଜଳେଶ୍ୱରରେ ସଂସ୍କୃତି ଭବନ ଜିଲାପାଳ ଗ୍ରାଣ୍ଟରୁ ୧କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ମନ୍ତ୍ରୀ ପାତ୍ରଙ୍କ ହସ୍ତକ୍ଷେପ ଯୋଗୁ ଅନ୍ୟ ୫୦ ଲକ୍ଷ ଟଙ୍କା ଦିଆଯିବା ସମ୍ପର୍କରେ କହିଥିଲେ। ସେହିପରି ପୌରପାଳିକାର ଏକ ପ୍ରଶାସନିକ ଗୃହ ଲାଗି ୩କୋଟି ୫୩ଲକ୍ଷ ଟଙ୍କାର ଶିଳାନ୍ୟାସ ହୋଇଛି। ସୁବର୍ଣ୍ଣରେଖା ନଦୀକୂଳରେ ଏପିଜେ ଅବଦୁଲ କଲାମଙ୍କ ନାମରେ ଏକ ରିଭର ଭ୍ୟୁ, ଚକବିଷ୍ଣୁରେ ସ୍ୱାସ୍ଥ୍ୟକେନ୍ଦ୍ର, ପୌରପାଳିକାର ଅତିଥି ଗୃହ, ଆହାର କେନ୍ଦ୍ରର ରୋଷେଇ ଗୃହ ଏବଂ ଜଳେଶ୍ୱର ସହରରୁ ଜଳ ନିଷ୍କାସନ ଲାଗି ୧କୋଟି ଟଙ୍କା ଡିପିଆର୍ ପ୍ରସ୍ତୁତ ସମ୍ପର୍କରେ କହିଥିଲେ। ପଣ୍ଡିତ ରଘୁନାଥ ମୁର୍ମୁ ଓ ସୁବାଷ ଚନ୍ଦ୍ର ବୋଷଙ୍କ ନାମରେ ଉଦ୍ୟାନ, ବିଚ୍ଛିନ୍ନାଞ୍ଚଳ ମଣିପାଟଣାକୁ ରାସ୍ତା, ୭.୫୦ଲକ୍ଷ ଟଙ୍କାର ଇନ୍‌ଡୋର ଷ୍ଟାଡିୟମ ସମ୍ପର୍କରେ କହିଥିଲେ । ସେହିପରି ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଜନ ସହଯୋଗ ରହିଥିବାରୁ ଜଳେଶ୍ୱରରେ ୨ଟି ଉଡନ୍ତା ରେଳପୋଲ ଓ ସୁବର୍ଣ୍ଣରେଖାରେ ୨ଟି ଉଚ୍ଚମାନର ସେତୁ ହେଉଥିବା କହିଥିଲେ। ପୌର ଅଧିକାରୀ ଅଜୟ ମହାପାତ୍ର ପ୍ରଗତି ନିମନ୍ତେ ନିଆଯାଇଥିବା ପ୍ରକଳ୍ପଗୁଡ଼ିକ ସମ୍ପର୍କରେ କହିଥିଲେ । ଉପନଗରପାଳ ପୁଷ୍ପପ୍ରିୟା କାମିଲା ଧନ୍ୟବାଦ ଅର୍ପଣ କରିଥିଲେ ।

# କୁଡୁମୀ ସେନା ପକ୍ଷରୁ ଶହୀଦ ଦିବସ

ପାଟଣା,୫।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଯମୁନା ପଶି ପଞ୍ଚାୟତ ପଦ୍ମପୁର ପଡ଼ିଆରେ ବୁଧବାର କୁଡୁମୀ ଜାତିର ମହାନାୟକ ଶହୀଦ ରଘୁନାଥ ମହାତୋଙ୍କ ୨୪୫ତମ ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ କୁଡୁମୀ ଜାତିର ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ନେଇଜାତିର ନୃତ୍ୟ, ଗୀତର ମହାସମାଗମ ହୋଇଥିଲ। କାର୍ଯ୍ୟକ୍ରମରେ କୁଡୁମୀ ସେନା ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବରେ ପଶ୍ଚିମବଙ୍ଗର କ୍ୟାବିନେଟ ମନ୍ତ୍ରୀ ଶ୍ରୀକାନ୍ତ ମହାନ୍ତ, ମୁଖ୍ୟ ବକ୍ତାଭାବରେ ଅଲ ଇଣ୍ଡିଆ କୁଡୁମୀ ସେନା ସଭାପତି ଅଶୋକ ମହାନ୍ତ, ସମ୍ମାନିତ ଅତିଥିଭାବରେ ଓଡ଼ିଶା କୁଡୁମୀ ସେନାର ରାଜ୍ୟ ସଭାପତି ଦିବ୍ୟସିଂ ମହାନ୍ତ, ଉପସଭାପତି ମିତ୍ରଭାନୁ ମହାନ୍ତ, ପଶ୍ଚିମବଙ୍ଗ ବାଙ୍ଗଡ଼ା କଲେଜ ଅଧ୍ୟାପିକା ଅଞ୍ଜନା ମହାତୋ, କୋଷାଧ୍ୟକ୍ଷ ଲମ୍ବୋଦର ମହାନ୍ତ, ସାଧାରଣ ସମ୍ପାଦକ ବିଶଜିତ ମହାନ୍ତ, ପାଟଣା ବ୍ଲକ୍ ୨୩ ନଂ. ଯୋନ ଜିଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ସଦର ବ୍ଲକ୍‌ର ଲୀଳାବତୀ ମହାନ୍ତ, ବଡ଼ବିଲ ମ୍ୟୁନିସିପାଲିଟି ଚେୟାରମେନ ଲକ୍ଷ୍ମଣ ମହାନ୍ତ, କୁଡୁମୀ ସେନାର ବରିଷ୍ଠ ନେତା ନିର୍ମଳ ମହାନ୍ତ, ଲଛମନ ମହାନ୍ତ, ନବୀନ କିଶୋର ମହାନ୍ତ, ମନୋଜ ମହାନ୍ତ, ସବିତା ମହାନ୍ତ, କ୍ଷୀରୋଦଚନ୍ଦ୍ର ମହାନ୍ତ, ଛୋଟଲାଲ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା କୁଡୁମୀ ସେନାର ସାଧାରଣ ସମ୍ପାଦକ ଦୁର୍ଗାଚରଣ ମହାନ୍ତ ଧନ୍ୟବାଦ ଦେଇଥିଲେ।

# ପଛୁଆ ବର୍ଗର ସାମାଜିକ ସ୍ଥିତି ସର୍ଭେ ତାଲିମ ଶିବିର


ଜିଲାପାଳ ଆଶିଷ ଠାକ୍‌ରେଙ୍କ ସହ ଅନ୍ୟ ଅଧିକାରୀମାନେ।

କେନ୍ଦୁଝର,୫।୪(ଡି.ଏନ୍.ଏ): ଓଡ଼ିଶାର ପଛୁଆ ବର୍ଗର ସାମାଜିକ ଓ ଶିକ୍ଷାଗତସ୍ଥିତିର ସର୍ଭେ ନିମନ୍ତେ ବୁଧବାର ଦିନ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେଙ୍କ ଉପସ୍ଥିତିରେ ଜିଲା ସଦର ମହକୁମାରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭା ଗୃହ ଏବଂ ସଦର ବ୍ଲକ୍ ସଭା ଗୃହରେ ଜିଲାସ୍ତରୀୟ ମାଷ୍ଟର ଟ୍ରେନରମାନେ ବ୍ଲକ୍‌ସ୍ତରୀୟ ମାଷ୍ଟର ଟ୍ରେନର ଏବଂ ସହରାଞ୍ଚଳସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଶିବିରରେ ଉପସ୍ଥିତ ରହି ପରାମର୍ଶ ଦେଇଥିଲେ। କେନ୍ଦୁଝର ଜିଲା ପାଇଁ ନିୟୋଜିତ ନୋଡାଲ ଅଫିସର ସୁଧାକର ଶବର, ମାଷ୍ଟର ଟ୍ରେନର ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଚମ୍ପୁଆ ଉପଜିଲାପାଳ ସୁକାନ୍ତ ମାଝୀ, ଆନନ୍ଦପୁର ଉପଜିଲାପାଳ ଅନୀଲ କୁମାର ସେଠୀ, ଓଡ଼ିଶାର ପଛୁଆ ବର୍ଗର ସାମାଜିକ ଓ ଶିକ୍ଷାଗତ ସ୍ଥିତିର ସର୍ଭେର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଠିକ୍ ଭାବରେ ପରିଚାଳନା କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ନୋଡାଲ ଅଫିସରଙ୍କର ଲିଆସନ ଅଫିସର ଶିଶିର ଷଡ଼ଙ୍ଗୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିର ପରେ ଜିଲା ନୋଡାଲ ଅଫିସର କେତେକ ସର୍ଭେ ସେଣ୍ଟର ପରିଦର୍ଶନ କରି ଅନୁଧ୍ୟାନ କରିଥିଲେ।

# ଉନ୍ନୟନ କାର୍ଯ୍ୟ ଲାଗି ଭୂୟାଁ ସମାଜର ଦାବିପତ୍ର

ବାରିପଦା ଅଫିସ,୫।୪

■କାର୍ଯ୍ୟାଳୟ,ସଂଗ୍ରହାଳୟ ନିର୍ମାଣ ଦାବି

■ସାଂସ୍କୃତିକ ଗୃହ ପାଇଁ ଅର୍ଥ ମଞ୍ଜୁରକୁ ସ୍ୱାଗତ

ମୟୂରଭଞ୍ଜ ଜିଲାରେ ୩ଲକ୍ଷ ଭୂୟାଁ ସମାଜର ଲୋକ ବସବାସ କରୁଛନ୍ତି। ସେମାନଙ୍କ ସଂସ୍କୃତି, ପରମ୍ପରା, ଭାଷା, ଲୋକଗୀତ ଓ ନୃତ୍ୟକୁ ସୁରକ୍ଷିତ ରଖିବା ଏବଂ ପ୍ରଚାରପ୍ରସାର ପାଇଁ ଦାବି ଉଠିଛି। ଜିଲା ସଦର ମହକୁମାରେ ସରକାରୀ ଜମି ଯୋଗାଇ ଦିଆଯିବା ସହ କାର୍ଯ୍ୟାଳୟ ତଥା ସଂଗ୍ରହାଳୟ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ସମାଜ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ତୁରନ୍ତ ବାରିପଦା ତହସିଲଦାରଙ୍କୁ ସରକାରୀ ଜମି ସମ୍ପର୍କରେ ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଖୁଣ୍ଟା ବ୍ଲକ ଅଧ୍ୟକ୍ଷା ସୁଧନ୍ୟା ନାଏକଙ୍କ ନେତୃତ୍ୱରେ ରାଖାହରି ନାଏକ, ତାରିଣୀକାନ୍ତ ଦାସ, ଶ୍ରୀନିବାସ ନାଏକ, ସନ୍ତୋଷ ନାଏକ ଓ ନଳିନୀ କୁମାର ନାଏକ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ସେହିପରି ଏହି ପ୍ରତିନିଧି ଦଳ ସେମାନଙ୍କର ଆରାଧ ଦେବୀ ମା' ପାଉଡ଼ିଙ୍କ ବାର୍ଷିକ ପୂଜା ଓ ମନ୍ଦିର ପାଚେରି ନିର୍ମାଣ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଗତ ମାସରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବ ଭି.କେ ପାଣ୍ଡିୟାନ ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିଲେ। ଜିଲାର ଭୂୟାଁ ସମାଜ ପକ୍ଷରୁ ତାଙ୍କୁ ପ୍ରଦାନ କରାଯାଇଥିବା ଦାବି ଅନୁଯାୟୀ ଖୁଣ୍ଟା ବ୍ଲକ ପୁରୁଣାପାଣିରେ ୨୦ଲକ୍ଷ ଟଙ୍କା ଅଟକଳରେ ଏକ ସାଂସ୍କୃତିକ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ଗୃହଟି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗୋଲକ ବିହାରୀ ନାଏକଙ୍କ ନାମରେ ନିର୍ମିତ ହେବାକୁ ଯାଉଥିବାରୁ ଭୂୟାଁ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ବିଦ୍ୟୁତ୍ ନ ଜାଳି ୩୦ ହଜାର ବିଲ୍

କୋଡ଼ପଡ଼ା,୫।୪(ଡ଼ି.ଏନ୍.ଏ.)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ କୋଡ଼ପଡ଼ା ପଞ୍ଚାୟତ ଗୋଳାବନ୍ଧ ଗ୍ରାମର ଜଣଙ୍କ ଘରେ ବିଦ୍ୟୁତ୍ ସଂଯୋଗ ନ ହୋଇ ୩୦ ହଜାର ଟଙ୍କା ବିଲ୍ ଆସିଛି। ସେ ଗରୀବ ଶ୍ରେଣୀର ହୋଇଥିବାରୁ ଏତେ ଟଙ୍କା ପଇଠ କରିବାରେ ଅସମର୍ଥ ପ୍ରକାଶ କରିଛନ୍ତି। ଏ ନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଭେଟିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଅଭିଯୋଗ ଅନୁଯାୟୀ, ମାଧୁରୀ ନାଏକ ଉପଭୋକ୍ତା (ନମ୍ବର - ୬୨୩୧୮୧୦୪୨୬୮୨)ଙ୍କ ଘରେ ଗତ ୨୦୧୯ ଜାନୁଆରୀ ୫ ରେ ବିଦ୍ୟୁତ୍ କାର୍ଯ୍ୟାଳୟ ପକ୍ଷରୁ ମିଟର ଏବଂ ବୋର୍ଡ଼ ଲଗାଯାଇଥିଲା। ମାତ୍ର ବିଦ୍ୟୁତ୍ ସଂଯୋଗ ହୋଇ ନ ଥିଲା। ୨୦୧୯ ଜାନୁଆରୀ ୭ରେ ମାଧୁରୀଙ୍କ ଘର ପୋଡ଼ିଯିବାରୁ ଘରର ସମସ୍ତ ଆସବାବପତ୍ର ସମେତ ମିଟର ଓ ବୋର୍ଡ଼ ପୋଡ଼ି ନଷ୍ଟ ହୋଇଯାଇଥିଲା। ଅଭିଯୋଗ ପରେ ୨୦୨୨ ଅଗଷ୍ଟରେ ନୂତନ ସଂଯୋଗ ଦିଆଯାଇଥିଲା। ମାତ୍ର ସେହି ମାସ ମାଧୁରୀଙ୍କ ନାମରେ ୩୦,୯୫୨ଟଙ୍କା ବିଲ୍ ଆସିଥିଲା। ସେ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ଟଙ୍କା ପୈଠ କରିବା ସମ୍ଭବପର ନ ଥିଲା। ଚଳିତ ମାର୍ଚ୍ଚ ମାସରେ ୧୮୫ ଟଙ୍କା ବିଲ ଆସିଥିବା ବେଳେ ପୂର୍ବ ବାକିଆ ଟଙ୍କା ବାବଦକୁ ୩୦,୯୫୨ ଟଙ୍କା ପୈଠ କରିବାକୁ ବିଲରେ ଦର୍ଶାଯାଇଛି। ଏ ନେଇ ମାଧୁରୀ ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ସେ କହିଛନ୍ତି। ଘଟଣା ସମ୍ପର୍କରେ ଆନନ୍ଦପୁର ଏସ୍‌ଡ଼ିଓ ପ୍ରତାପ ବେହେରାଙ୍କୁ ପଚାରିବାରେ, ଉପଭୋକ୍ତା ରିକନେକ୍ସନ୍ ରସିଦ ଦେଖାଇଲେ ତାହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ୫ ଅଭିଯୁକ୍ତ ଗିରଫ



ଆନନ୍ଦପୁର,୫।୪(ସ୍ୱ.ପ୍ର)

**ଶାଳଦେଇ ବାଲିଘାଟ ବିବାଦରୁ ହତ୍ୟାକାଣ୍ଡ ଘଟଣା**

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଶାଳଦେଇ ଗ୍ରାମରେ ବାଲିଘାଟକୁ ନେଇ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ପୋଲିସ ବୁଧବାର ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ମାନେ ଶାଳଦେଇ ଗ୍ରାମର ହରେକୃଷ୍ଣ ବୋଇତେଇ(୪୨), ତରୁଆଁ ଗ୍ରାମର ଅମରେଶ ରାଉତ(୩୦), ସ୍ଥାନୀୟ ବଡ଼ପଦନା ଗ୍ରାମର ଭାଗିରଥି ପଲେଇ(୩୫), ଅଞ୍ଜନ ରାଉତ(୩୫) ଓ ସନ୍ତୋଷ ସାହୁ। ଏସ୍‌ଡିପିଓ ପ୍ରଶାନ୍ତ ବେହେରାଙ୍କ ଉପସ୍ଥିତିରେ ରାମଚନ୍ଦ୍ରପୁର ଥାନା ଅଧିକାରୀ ଅବିନାଶ ପରିଡ଼ା ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛନ୍ତି। ସୂଚନା ଅନୁଯାୟୀ, ରାମଚନ୍ଦ୍ରପୁର ଥାନା ଶାଳଦେଇ ଗ୍ରାମରେ ବାଲିଘାଟକୁ କେନ୍ଦ୍ର କରି ଗତ ମାର୍ଚ୍ଚ ୨୨ରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗ୍ରାମର ମଲି ଜେନା ନାମକ ଜଣେ ମହିଳା ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଦୀର୍ଘ ୮ ଦିନ ଜୀବନ ସହ ସଂଘର୍ଷ କରି ମୃତ୍ୟୁବରଣ କରିଥିଲେ। ପରିବାର ଲୋକ ଅଭିଯୁକ୍ତଙ୍କ ଗିରଫ ଦାବି କରି ମହିଳାଙ୍କ ଶବକୁ ୨୦ ନମ୍ବର ଜାତୀୟ ରାଜପଥ ସୁଆଁପଦା ଛକରେ ଅବରୋଧ କରିଥିଲେ। ପରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବି କରାଯାଇଥିଲା।

# ଟିସିଏସ୍‌ରେ ନିଯୁକ୍ତି ପାଇଲେ ୬ ଛାତ୍ରୀଛାତ୍ର

ବାଲେଶ୍ୱର ଅଫିସ, ୫।୪

ବାଲେଶ୍ୱର ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ଦ୍ୱାରା ଆରମ୍ଭ ହୋଇଥିବା ଧନ୍ଦାମୂଳକ ତାଲିମ କେନ୍ଦ୍ରରୁ ପୂର୍ବରୁ ୫ଜଣ ଛାତ୍ରୀଛାତ୍ର ନିଯୁକ୍ତି ପାଇଥିବା ବେଳେ ନିକଟରେ ୬ଜଣ ଛାତ୍ରୀଛାତ୍ର ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍)ରେ ନିଯୁକ୍ତି ପାଇଛନ୍ତି।

କମ୍ପାନୀ ପକ୍ଷରୁ ପେସାଦାର କ୍ଷେତ୍ରରେ ସଫଳତା ହାସଲ କରିବା ପାଇଁ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ପ୍ରତିବନ୍ଧକ ଅତିକ୍ରମ କରିବାରେ ଉପେକ୍ଷିତ ବର୍ଗର ଛାତ୍ରୀଛାତ୍ରଙ୍କୁ ଆବଶ୍ୟକ ଲଘୁ ଦକ୍ଷତା ଏବଂ ନିଯୁକ୍ତି ଲାଗି ପ୍ରସ୍ତୁତ ଦକ୍ଷତା ପ୍ରଦାନ କରିବାକୁ ଏହି ଧନ୍ଦାମୂଳକ କାର୍ଯ୍ୟକ୍ରମରେ ଲକ୍ଷ୍ୟ ରଖାଯାଇଛି। ଚୟନ କରାଯାଇଥିବା ଛାତ୍ରୀଛାତ୍ରମାନଙ୍କୁ ଯୋଗାଯୋଗ ଦକ୍ଷତା, ଦଳଗତ କାର୍ଯ୍ୟ, ସମସ୍ୟା-ସମାଧାନ, ସମୟ ପରିଚାଳନା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦକ୍ଷତା ଉପରେ ୨୧ ଦିନ ପର୍ଯ୍ୟନ୍ତ କଠୋର ତାଲିମ ପ୍ରଦାନ କରାଯାଇଥିଲା। ଟିସିଏସ୍‌ର ଅଭିଜ୍ଞ ପେସାଦାରମାନେ ତାଲିମ ପ୍ରଦାନ କରିଥିଲେ ଏବଂ କର୍ମଜୀବନ, ବାହାରେ ଦେଖାଦେଉଥିବା ଆହ୍ୱାନକୁ ଯେଭଳି ଛାତ୍ରୀଛାତ୍ରମାନେ ଅତିକ୍ରମ କରିପାରିବେ ସେହି ଅନୁସାରେ ତାହା ପ୍ରସ୍ତୁତ କରାଯାଇଛି। ରିଜ୍ୟୁମ୍ ଲିଖନ ଏବଂ ସାକ୍ଷାତକାରରେ ଭାଗ ନେବା ଆଦି ଉପରେ କର୍ମଶାଳା ଏହି ତାଲିମ କାର୍ଯ୍ୟକ୍ରମରେ ସାମିଲ ଥିଲା। ୪୮ଜଣିଆ ଛାତ୍ରୀଛାତ୍ରଙ୍କ ବ୍ୟାଚ୍ ମଧ୍ୟରୁ ପୂର୍ବ ପର୍ଯ୍ୟାୟ ସାକ୍ଷାତକାରରେ ୫ଜଣ କୋଲକାତାରେ ନିଯୁକ୍ତି ପାଇଥିଲେ। ବର୍ତ୍ତମାନ ଆଉ ୬ଜଣ ଛାତ୍ରୀଛାତ୍ର ପାୟଲରାଣୀ ଦେହୁରିଆ, ଡୋନା ଶା, କାହ୍ନୁ ଚରଣ ଜେନା, ରାଜେନ୍ଦ୍ର ସାହୁ, ଅମର ନାଥ, କିରଣ କୁମାର ଦାସଙ୍କୁ ଟିସିଏସ୍ ଭୁବନେଶ୍ୱରରେ ନିଯୁକ୍ତି ପାଇଛନ୍ତି। ଫଳରେ ନିଯୁକ୍ତି ପାଇଥିବା ମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୧ରେ ପହଞ୍ଚିଛି।

ଟିପିଏନ୍‌ଓଡିଏଲ୍‌ର ସିଇଓ ଭାସ୍କର ସରକାର କହନ୍ତି, ଶିକ୍ଷାକ୍ଷେତ୍ରରେ ଛାତ୍ରୀଛାତ୍ରମାନେ ସଫଳ ହୋଇଥିବା ଆମ ପାଇଁ ଅତ୍ୟନ୍ତ ରୋମାଞ୍ଚକର ଅନୁଭୂତି। ଆହ୍ୱାନଗୁଡ଼ିକୁ ଅତିକ୍ରମ କରିବା ଏବଂ ଲକ୍ଷ୍ୟ ହାସଲ କରିବା ପାଇଁ ଆବଶ୍ୟକ ଦକ୍ଷତା ସହ ଉପେକ୍ଷିତ ବର୍ଗର ଛାତ୍ରୀଛାତ୍ରମାନଙ୍କୁ ସଶକ୍ତ କରିବା ହେଉଛି ଆମର ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଛାତ୍ରୀଛାତ୍ରମାନଙ୍କ ସଫଳତାର ଏକ ଅଂଶ ହୋଇଥିବାରୁ ଆମେ ଗର୍ବିତ ବୋଲି କହିଛନ୍ତି।


ନିଯୁକ୍ତି ପାଇଥିବା ୬ ଛାତ୍ରୀଛାତ୍ର।

## କଂଗ୍ରେସର ସାଂଗଠନିକ ବୈଠକ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁରୁସୁଆଁ ପଞ୍ଚାୟତ କିଆପଡ଼ା ଗ୍ରାମରେ ମଙ୍ଗଳବାର ଜାତୀୟ କଂଗ୍ରେସର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଟଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକଙ୍କ ଅଧକ୍ଷତାରେ ଜିଲା କଂଗ୍ରେସ ଉପସଭାପତି କୈଳାଶ ଚନ୍ଦ୍ର ବାରିକ, ବରିଷ୍ଠ ନେତା ପ୍ରହଲ୍ଲାଦ ନାଏକ, ଶରତ ଚନ୍ଦ୍ର ସେଠୀ, ପିତାମ୍ବର ନାଏକ, ନରୋତ୍ତମ ସେଠୀ, ରାଣୀ ନାୟକ, ଆଇନା ନାୟକ ପ୍ରମୁଖ ଯୋଗଦେଇ ଦରଦାମ ବୃଦ୍ଧି ନେଇ ଉଭୟ ସରକାରଙ୍କୁ ସମାଲୋଚନା କରିଥିଲେ।

## ସଂକ୍ଷେପରେ

### ଟ୍ରାନ୍ସଫର୍ମର ଚୋରି ଘଟଣାରେ ୩ ଗିରଫ

ବୈଶିଙ୍ଗା,୫।୪(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କଲମା ଗ୍ରାମର ଶରତ ମହାପାତ୍ରଙ୍କ ଚାଷଜମିକୁ ବିଦ୍ୟୁତ୍ ସଂଯୋଗ ନିମନ୍ତେ ସ୍ଥାପନ ହୋଇଥିବା ୧୦ କେ.ଭି.ର ଏକ ଟ୍ରାନ୍ସଫର୍ମର ଚୋରି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ଲାଲଟୁ ସିଂ, କାଳିଆ ସିଂ ଓ ବାପି ସିଂ। ବୁଧବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ସୁମନ୍ତ କୁମାର ସେଠୀ ତଦନ୍ତ କରି ସେହି ଗ୍ରାମରେ ଜଣଙ୍କ ଘରେ ଲୁଚାଇ ରଖାଯାଇଥିବା ଟ୍ରାନ୍ସଫର୍ମରକୁ ଜବତ କରିଥିଲେ।

### ଗୁଣ୍ଡିଚି ନାଗକୁ ଧରାଇ ଦେଲେ ପୋଷା ବିଲେଇ

ନୀଳଗିରି, ୫।୪(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ନୀଳଗିରି ଏନ୍ଏସି ଘାଟଘରସାହି ଗ୍ରାମର ସୂର୍ଯ୍ୟନାରାୟଣ ଷଡ଼ଙ୍ଗୀଙ୍କ ଘର ବାହାର ବାରଣ୍ଡାରେ ଏକ ୬ଫୁଟ୍ ଲମ୍ବର ଗୁଣ୍ଡୁଚି ନାଗ ଘର ଭିତରକୁ ପ୍ରବେଶ କରୁଥିବା ବେଳେ ମାଲିକଙ୍କ ୨ଟି ପୋଷା ବିଲେଇ ଦେଖି ତାହାର ପ୍ରତିରୋଧ କରିଥିଲେ। ପୋଷା ବିଲେଇ ଜୋରରେ ଶବ୍ଦ କରିବାରୁ ଘର ଲୋକେ ଆସି ଏକ ୬ଫୁଟିଆ ଗୁଣ୍ଡୁଚି ନାଗ ଥିବା ଦେଖିଥିଲେ। ପରେ ସାପ ଧରାଳି ସୁଶାନ୍ତ ମହାପାତ୍ର ଓ ବାପି ମହାପାତ୍ରଙ୍କୁ ଖବର ଦେଇଥିଲେ। ସେମାନେ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ।

### ନପଙ୍ଗ ବାଦୀପାଲା ଉଦ୍‌ଯାପିତ

ଭଣ୍ଡାରିପୋଖରୀ,୫।୪(ସ୍ୱ.ପ୍ର.): ପବିତ୍ର ଶ୍ରୀରାମ ନବମୀ ଉପଲକ୍ଷେ ଭଦ୍ରକ ଭଣ୍ଡାରିପୋଖରୀ ନପଙ୍ଗଠାରେ ଅନୁଷ୍ଠିତ ହେଉଥିବା ୪୭ତମ ବାର୍ଷିକ ବାଦୀପାଲା ଉଦ୍‌ଯାପିତ ହୋଇଯାଇଛି। ଗତ ୩୦ ତାରିଖଠାରୁ ଆରମ୍ଭ ହୋଇଥିବା ପାଲା ମଙ୍ଗଳବାର ଶେଷ ହୋଇଛି। ଉତ୍ସବରେ ବ୍ରହ୍ମଗିରିରୁ ଆସିଥିବା ଗାୟକ ଜୟକୃଷ୍ଣ ଦଳାଇ ଓ ଜଗତସିଂହପୁରରୁ ଆସିଥିବା ଗାୟକ ସନାତନ ଦାସଙ୍କ ମଧ୍ୟରେ ବାଦୀପାଲା ଅନୁଷ୍ଠିତ ହୋଇଥିଲା।

### ରକ୍ତଦାତା ପ୍ରବର୍ତ୍ତକ ସଂଘର ସଭାପତି ସମ୍ବର୍ଦ୍ଧିତ

ଭଦ୍ରକ ଅଫିସ,୫।୪- ଭଦ୍ରକ ଜିଲାର ଜଣେ ରକ୍ତଦାତା ପ୍ରବର୍ତ୍ତକ ସଂଘର ସଭାପତି ମହମ୍ମଦ ଅବଦୁଲ ବାରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ଡା. ହରେକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସନ୍ତୋଷ ପାତ୍ର ଯୋଗଦେଇଥିଲେ। ଉପସଭାପତି ସୁଧାକର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ଲଡ୍ ବ୍ୟାଙ୍କ ଅଧିକାରିଣୀ ବିମଳା ମିଶ୍ର ୨୦୨୨-୨୩ରେ ସର୍ବାଧିକ ୧୬ ହଜାରରୁ ଅଧିକ ୟୁନିଟ୍ ରକ୍ତ ସ୍ୱେଚ୍ଛାସେବୀ ଶିବିରରୁ ସଂଗୃହୀତ ହୋଇଥିବା ତଥ୍ୟ ପ୍ରଦାନ କରିଥିଲେ। ୨୦୦୬ରୁ ମହମ୍ମଦ ଅବଦୁଲ ବାରୀ ସ୍ୱେଚ୍ଛାକୃତ ରକ୍ତଦାନକୁ ଏକ ଆନ୍ଦୋଳନରେ ପରିଣତ କରିଥିବା ସଂଘର ସମ୍ପାଦକ ସଂଗ୍ରାମ କିଶୋର ମହାନ୍ତି ବକ୍ତବ୍ୟ ରଖିଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲା ନେସ୍କୋ ପାୱାର ଇଞ୍ଜିନିୟର୍ସ ଆସୋସିଏଶନ

ବାଲେଶ୍ୱର ଅଫିସ, ୫।୪



ଟିପିଏନ୍ଓଡିଏଲ୍ ଅଫିସ୍ ସମ୍ମୁଖରେ ଇଞ୍ଜିନିୟରମାନଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବାଲେଶ୍ୱର ଟାଟାପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନ୍ଓଡିଏଲ୍) ଅଧୀନରେ କାର୍ଯ୍ୟରତ ନେସ୍କୋ ପାୱାର ଇଞ୍ଜିନିୟର୍ସମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ପ୍ରତିବାଦରେ ନେସ୍କୋ ପାୱାର ଇଞ୍ଜିନିୟର୍ସ ଆସୋସିଏଶନ ପକ୍ଷରୁ ବୁଧବାର ରେମୁଣା ଗୋଲେଇସ୍ଥିତ ଟିପିଏନ୍ଓଡିଏଲ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ବିଭିନ୍ନ ଦାବି ପ୍ରତି କମ୍ପାନୀ ଗୁରୁତର ସହ ବିଚାର କରି ନ୍ୟାୟ ନ ଦେଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି। ଆସୋସିଏସନ୍ ପକ୍ଷରୁ ଏକ ସ୍ମାରକପତ୍ର ଟିପିଏନ୍ଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଆୟୋଜିତ ବୈଠକରେ ଆସୋସିଏଶନ ସଭାପତି ସୁରେନ୍ଦ୍ର ନାଥ ଦାସ ସଭାପତିତ୍ୱ କରିଥିଲେ। କାର୍ଯ୍ୟକାରୀ ସଭାପତି ରାଜୀବ କୁମାର ନାୟକ, ଉପସଭାପତି ଶ୍ରୀକାନ୍ତ କୁମାର ପାଢ଼ୀ, ସାଧାରଣ ସମ୍ପାଦକ ଅନନ୍ତ ବିଷୋଇ ପ୍ରମୁଖ ଯୋଗଦେଇ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଟିପିଏନଓଡିଏଲ କର୍ତ୍ତୃପକ୍ଷଙ୍କ ଭେଦଭାବ ସୃଷ୍ଟିକୁ ନିନ୍ଦା କରିଥିଲେ। ସମସ୍ତ ନେସ୍କୋ ୟୁଟିଲିଟିର ଇଞ୍ଜିନିୟରମାନେ ଟିପିଏନ୍ଓଡିଏଲ୍‌କୁ ସ୍ୱାଗତ ଜଣାଇଥିଲେ। ପ୍ରାକୃତିକ ଦୁର୍ବିପାକ ସମୟରେ ଏକ ପରିବାର ଭଳି କାର୍ଯ୍ୟ କରି ସଫଳତା ପାଇଥିଲେ। ଅନେକ ସମୟରେ ବିଦ୍ୟୁତ ସଂଯୋଗ ଦେବାକୁ ଯାଇ କିମ୍ବା ଦେୟ ଆଦାୟ ସମୟରେ କର୍ମଚାରୀମାନେ ଲୋକଙ୍କ ଆକ୍ରୋଶ ଏବଂ ଆକ୍ରମଣର ଶିକାର ମଧ୍ୟ ହୋଇଛନ୍ତି। ମାତ୍ର କମ୍ପାନୀ କର୍ତ୍ତୃପକ୍ଷ କର୍ମଚାରୀମାନଙ୍କୁ ପ୍ରୋତ୍ସାହନ ଦେବା ପରିବର୍ତ୍ତେ, କିଛି ବରିଷ୍ଠ ଅଧିକାରୀଙ୍କ କ୍ୟାରିଅର ଶେଷ ପାଇଁ ହୀନ ଉଦ୍ୟମ ଚଳାଇବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ଟିପିଏନଓଡିଏଲରେ ନବନିଯୁକ୍ତ ଅଣ ଓଡ଼ିଆ ଅଧିକାରୀ ଓ ପୂର୍ବର ନେସ୍କୋ ଅଧିକାରୀ ମଧ୍ୟରେ ବିଭେଦ ସୃଷ୍ଟି ପାଇଁ କର୍ତ୍ତୃପକ୍ଷ ଚକ୍ରାନ୍ତ ଚଳାଉଛନ୍ତି । ଅନ୍ୟାୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆସୋସିଏଶନ ପକ୍ଷରୁ ଚେତାବନୀ ଦିଆଯାଇଛି।

ଏନେଇ ଟିପିଏନ୍ଓଡିଏଲ୍ ସିଇଓ ଭାସ୍କର ସରକାର ନେସ୍କୋ ପାୱାର ଇଞ୍ଜିନିୟର୍ସ ଆସୋସିଏଶନର ସମସ୍ତ ଅଭିଯୋଗକୁ ଖଣ୍ଡନ କରିଥିଲେ। କମ୍ପାନୀ ଏହାର ସମସ୍ତ କର୍ମଚାରୀଙ୍କର ବୃତ୍ତିଗତ ବିକାଶ ପାଇଁ ସବୁବେଳେ ସମ୍ବେଦନଶୀଳ ଏବଂ ତତ୍ପର। ଟିପିଏନ୍ଓଡିଏଲ୍ ଏହାର ନୈତିକ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ହେବା ସହିତ ସବୁବର୍ଗର, ସବୁ ସ୍ତରର କର୍ମଚାରୀ ଏବଂ ଜନସାଧାରଣଙ୍କର ସମ୍ମାନ ତଥା ମର୍ଯ୍ୟାଦାରେ ବିଶ୍ୱାସ ରଖେ। କମ୍ପାନୀ ତାର ପରିଚାଳନା କ୍ଷେତ୍ରରେ ସର୍ବଦା ସୁରକ୍ଷା, ନୈତିକତା ଏବଂ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିବା ସହିତ ସମସ୍ତ ହିତାଧିକାରୀଙ୍କୁ ଉତ୍ତମ ସେବା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଟିପିଏନ୍ଓଡିଏଲ୍ ବିଗତ ବର୍ଷରେ ବିତରଣ ଏବଂ ବାଣିଜ୍ୟ କ୍ଷତିକୁ ୨୮.୨୩ ପ୍ରତିଶତରୁ ୧୧.୫ ପ୍ରତିଶତ କମାଇବା ସହିତ ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ଆଣିଥିବା ସୁଧାରର ଶ୍ରେୟ ସମସ୍ତ କର୍ମଚାରୀଙ୍କର ବୋଲି ପ୍ରକାଶ କରିଛନ୍ତି।

## ବିହନ ମେଳା ଉଦ୍‌ଯାପିତ

କେନ୍ଦୁଝର,୫।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ପିଛୁଲାବେଢ଼ା ଗ୍ରାମରେ କୀର୍ତି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାରେ ମାୟାବକ ନାରୀ ଶକ୍ତି ମହାସଂଘ ପକ୍ଷରୁ ଚାଲିଥିବା ୨ ଦିନିଆ ବିହନ ମେଳା ଉଦ୍‌ଯାପିତ ହୋଇଯାଇଛି। ମେଳାରେ କୀର୍ତ୍ତିର କୋର୍ଡିନେଟର ରଞ୍ଜନ ପଟ୍ଟନାୟକ ଯୋଗଦେଇ ମେଳାର ଆଭିମୁଖ୍ୟ ବିଷୟରେ ଅବଗତ କରିଥିଲେ। ବିହନ ମେଳାରେ ୧୦ ପଞ୍ଚାୟତର ୪୨ ଗ୍ରାମରୁ ୨୫୦ ଜଣରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବରେ ଜିଲା ପରିଷଦର ଅଧ୍ୟକ୍ଷା ସାଗରିକା ସାହୁ, ଅବସରପ୍ରାପ୍ତ ଶିକ୍ଷକ ଦୁଷ୍ମନ୍ତ ନାଏକ, ବିଦ୍ୟାଧର ଜୁଆଙ୍ଗ, ମନୋଜ ନାଏକ, ସାବିତ୍ରୀ ମୁଣ୍ଡା, କୁନ୍ତି ନାଏକ ଯୋଗଦାନ କରିଥିଲେ। ଅନୁଷ୍ଠାନର ଚିତରଞ୍ଜନ ପଟ୍ଟନାୟକ, ଆନନ୍ଦ ଚରଣ ବେହେରା, ଦେବାନନ୍ଦ ନାଏକ, ବାବାଜି ଚରଣ ମୁଦୁଲି, ପ୍ରତିମା ପାଣିଗ୍ରାହୀ ପରିଚାଳନାରେ ସହେଯାଗ କରିଥିଲେ। ଗୀତାଞ୍ଜଳୀ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୫ ଦିନରେ ୨୪୪୨ ମାମଲା

ବାରିପଦା ଅଫିସ,୫।୪

■୨୨ଲକ୍ଷରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

■ଦୁର୍ଘଟଣାଜନିତ ମୃତ୍ୟୁ ରୋକିବାକୁ ଶୂନ୍ୟ ସପ୍ତାହ ପାଳନ

ଦୁର୍ଘଟଣା ଜନିତ ମୃତ୍ୟୁ ରୋକିବାକୁ ନେଇ ସପ୍ତାହବ୍ୟାପି ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନରେ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ନିର୍ଦ୍ଦେଶ କ୍ରମେ ଜିଲାରେ ଏପ୍ରିଲ ୧ରୁ ଜିଲା ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ତେବେ ୫ଦିନ ମଧ୍ୟରେ ବିନା ହେଲମେଟ, ଯାନବାହାନ ଚଳାଚଳ ସମୟରେ ମୋବାଇଲରେ କଥାବାର୍ତ୍ତା, ସିଟ ବେଲ୍ଟ, ଦ୍ରୁତ ଚାଳନା, ମଦପିଇ ଗାଡ଼ି ଚାଳନା ଆଦି ବିଭିନ୍ନ ମାମଲାରେ ମୋଟ ୨୨ଲକ୍ଷ ୧୮ହଜାର ୧୬୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ବିନା ହେଲମେଟରେ ପରିବହନ ବିଭାଗ ପକ୍ଷରୁ ୨୪୩ ଓ ପୋଲିସ ପକ୍ଷରୁ ୧୮୯୨ଟି, ଦ୍ରୁତ ଚାଳନାରେ ୧୦୧ଟି, ବିନା ସିଟବେଲ୍ଟରେ ପରିହନ ବିଭାଗ ପକ୍ଷରୁ ୨୩ଟି, ମୋବାଇଲ କଥାବାର୍ତ୍ତାରେ ପରିବହନ ବିଭାଗ ପକ୍ଷରୁ ୯ଟି, ମଦପିଇ ଗାଡ଼ି ଚଳାଇବାରେ ପରିହନ ବିଭାଗ ପକ୍ଷରୁ ୨୯ ଓ ପୋଲିସ ପକ୍ଷରୁ ୧୭ଟି, ଦ୍ରବ୍ୟ ପରିବହନ ଗାଡିରେ ଯାତ୍ରୀ ପରିବହନକୁ ନେଇ ବିଭାଗ ପକ୍ଷରୁ ୨ଟି, ଓଭର ଲୋଡ୍‌କୁ ନେଇ ୩ଟି, ୩ଜଣ ବସି ଗାଡି ଚଳାଇବାରେ ବିଭାଗ ପକ୍ଷରୁ ୩୬ଟି, ଭୁଲ ରାସ୍ତାରେ ଗାଡ଼ି ଚାଳନାକୁ ନେଇ ୨ଟି, ନାବାଳକ ଗାଡ଼ି ଚାଳନାରେ ବିଭାଗ ପକ୍ଷରୁ ୩ଟି ଏବଂ ବିଭିନ୍ନ କାରଣରୁ ୯ଟି ଗାଡ଼ିକୁ ଜବତ କରାଯାଇଛି । ୫ଦିନ ମଧ୍ୟରେ ପରିହନ ବିଭାଗ ପକ୍ଷରୁ ମୋଟ ୫୧୩ଟି ଓ ପୋଲିସ ପକ୍ଷରୁ ୧୯୨୯ଟିକୁ ମିଶାଇ ମୋଟ ୨୪୪୨ଟି ଚାଲାଣ କଟାଯାଇଛି। ଏହି ସବୁ ବାବଦରେ ଅଦ୍ୟାବଧି ଘଟଣାସ୍ଥଳରୁ ପରିବହନ ବିଭାଗ ପକ୍ଷରୁ ୫୫ହଜାର ୮୬୫ଟଙ୍କା ଓ କାର୍ଯ୍ୟାଳୟରେ ୮ଲକ୍ଷ ୮୦ହଜାର ଟଙ୍କାକୁ ମିଶାଇ ମୋଟ ୯ଲକ୍ଷ ୩୫ହଜାର ୮୬୫ଟଙ୍କ ଏବଂ ପୋଲିସ ପକ୍ଷରୁ ଘଟଣା ସ୍ଥଳରୁ ୧୨ଲକ୍ଷ ୮୨ହଜାର ୩ଶହ ଟଙ୍କା ଆଦାୟ କରାଯାଇଛି। ତେବେ ମଦ୍ୟପାନ କରି ଗାଡ଼ି ଚଳାଇବା ବାବଦରେ ୧୦ହଜାର ଜରିମାନା ଓ ନାବାଳକ ଗାଡ଼ି ଚାଳନାରେ ଜରିମାନା ବାବଦରେ ୨୫ହଜାର ପୈଠ କରିବାକୁ ନେଇ ଉଭୟ ବିଭାଗ ପକ୍ଷରୁ ମାମଲା ରୁଜୁ ହୋଇଛି ।

## ୫-ଟି ସ୍କୁଲ କାମରେ ଠିକାଦାରଙ୍କୁ ଅସହଯୋଗ ଅଭିଯୋଗ

ବାହାନଗା, ୫।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକର ୫-ଟି ରୂପାନ୍ତରଣ ବିଦ୍ୟାଳୟ କାର୍ଯ୍ୟରେ ଠିକାଦାରମାନଙ୍କୁ ଅସହଯୋଗ କରାଯାଉଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି । ସମସ୍ୟାର ସମାଧାନ ନ ହେଲେ ଠିକାଦାରମାନେ ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

ବ୍ଲକର ୫-ଟି ରୂପାନ୍ତରଣ ବିଦ୍ୟାଳୟ ତୃତୀୟ ପର୍ଯ୍ୟାୟରେ ୧୦ ବିଦ୍ୟାଳୟରେ କାର୍ଯ୍ୟ ଚାଲିଛି। ମାତ୍ର କାର୍ଯ୍ୟ ସମସ୍ତ ବିଦ୍ୟାଳୟରେ ୮୦ ପ୍ରତିଶତ କାର୍ଯ୍ୟ ସରିଥିବା ବେଳେ ବ୍ଲକ ଅତିରିକ୍ତ କାର୍ଯ୍ୟନିର୍ବାହୀ ଇଞ୍ଜିନିୟର (ଏଇଇ) ଲକ୍ଷ୍ମୀକାନ୍ତ ଦାସ ଠିକାଦାରମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ବ୍ଲକରେ କାର୍ଯ୍ୟ କରୁଥିବା ଠିକାଦାର ଯେଉଁ ବିଦ୍ୟାଳୟରେ କାର୍ଯ୍ୟ କରି ୮୦ ପ୍ରତିଶତ କାମ ସାରିଛନ୍ତି । ସେହି ବିଦ୍ୟାଳୟରେ ବାହାରୁ ଅନ୍ୟ ଠିକାଦାରମାନଙ୍କୁ ଆଣି ନିଜେ ଟଙ୍କା ଖର୍ଚ୍ଚ କରି ପରୋକ୍ଷରେ ନିଜେ କାମ କରୁଥିବା ଠିକାଦାରମାନେ ଅଭିଯୋଗ କରିଛନ୍ତି । ଏଭଳି କାର୍ଯ୍ୟକୁ ଠିକାଦାରମାନେ ଦୃଢ଼ ବିରୋଧ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଗୌରାଙ୍ଗ ଘୋଷ କହିଛନ୍ତି, ୫-ଟି କାମ କରୁଥିବା ଠିକାଦାରମାନେ ଅଭିଯୋଗ ଦେଇଛନ୍ତି । ତେବେ ଅଭିଯୋଗ ବିଷୟରେ ଜିଲାର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଦେଇଛି । ଅଭିଯୋଗ ବିଷୟରେ ଏଇଇ ଲକ୍ଷ୍ମୀକାନ୍ତ ଦାସ କହିଛନ୍ତି, ମୋ ବିରୋଧରେ କଣ ପାଇଁ ଅଭିଯୋଗ ହୋଇଛି ଜାଣିନି। ବିଡିଓ ଅଭିଯୋଗପତ୍ର ପଠାଇନାହାନ୍ତି। ୫-ଟି ରୂପାନ୍ତରଣ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ଯାହା ଆବଶ୍ୟକ ସେଥିରେ କୌଣସି ସାଲିସ କରିହେବ ନାହିଁ। ଯଦି ଅଫିସର ଠିକାଦାରମାନଙ୍କ ସହିତ ହାତ ମିଳାଇବେ ତାହୋଲେ ସେ ଭଲ, ନଚେତ୍ ଖରାପ ବୋଲି ସେ କହିଛନ୍ତି।

# ରାଜ୍ୟପାଳଙ୍କୁ ତୈଳଚିତ୍ର ଉପହାର


ରାଜ୍ୟପାଳଙ୍କୁ ସ୍ନେହା ତୈଳଚିତ୍ର ପ୍ରଦାନ କରୁଛନ୍ତି।

ଭଦ୍ରକ ଅଫିସ, ୫।୪

ଭଦ୍ରକ ଧରିତ୍ରୀନଗରର ଚିତ୍ରଶିଳ୍ପୀ ଛାତ୍ରୀ ସ୍ନେହା ଦାସ ମଙ୍ଗଳବାର ରାଜଭବନରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଏକ ତୈଳଚିତ୍ର ଉପହାର ଦେଇଛନ୍ତି। ତାଙ୍କର ତୈଳଚିତ୍ରକୁ ଦେଖି ରାଜ୍ୟପାଳ ପ୍ରଶଂସା କରିବା ସହ ନିଜର କଳା, ସାଧନାକୁ ଜାରି ରଖି ଜାତୀୟସ୍ତରରେ ନାଁ କରିବା ପାଇଁ ପରାମର୍ଶ ଦେଇଥିଲେ। ଭଦ୍ରକ ଏସ୍‌ବିଡି ସ୍କୁଲର ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ଶରତ ଦାସଙ୍କ ଝିଅ ସ୍ନେହା ନିକଟରେ ଜାତୀୟସ୍ତରୀୟ ଚିତ୍ର ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ପାଇ ଓଡ଼ିଶା ପାଇଁ ଖ୍ୟାତି ଅର୍ଜନ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ସଫଳତା ହାସଲ କରିବା ସହ ଟ୍ରଫି ଓ ମେଡାଲ ପୁରସ୍କାର ଲାଭ କରିଛନ୍ତି। ତାଙ୍କର ଏହି କଳା ସାଧନା ପାଇଁ ଗୁରୁ ଚିତ୍ରଶିଳ୍ପୀ ଜୟନ୍ତ କୁମାର ନାୟକଙ୍କ ସମେତ ବହୁ ବରିଷ୍ଠ ନାଗରିକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କଂଗ୍ରେସରେ ମିଶିଲେ ୨୦ କର୍ମୀ

ରୂପସା, ୫।୪(ଡି.ଏନ.ଏ.)


କଂଗ୍ରେସରେ ସାମିଲ ଅନ୍ୟ ଦଳର କର୍ମୀମାନେ।

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ସାହାଡ଼ା ପଞ୍ଚାୟତର ବିଜେଡି ଓ ଭାଜପା ଦଳ ଛାଡ଼ି ୨୦ ଜଣ କର୍ମୀ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ଏହି ଅବସରରେ ବସ୍ତାସ୍ଥିତ ଗୁପ୍ତା ଭବନରେ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତାଙ୍କ ସଭାପତିତ୍ୱରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।

ବରିଷ୍ଠ ନେତା ବିଜନ ନାୟକଙ୍କ ଉପସ୍ଥିତିରେ ଉକ୍ତ କର୍ମୀ ଓ ସମର୍ଥକମାନେ ଦଳରେ ଯୋଗ ଦେଇଥିଲେ। ସେମାନଙ୍କୁ ଉପସ୍ଥିତ କଂଗ୍ରେସ ନେତୃତ୍ୱମାନେ ପୁଷ୍ପଗୁଚ୍ଛ ଓ କଂଗ୍ରେସ ପତାକା ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ଖବର ପାଇ କଂଗ୍ରେସ ସଂସଦୀୟ ନିର୍ବାଚନମଣ୍ଡଳୀ ନେତା ନବଜ୍ୟୋତି ପଟ୍ଟନାୟକ ଓ ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା, ଜିଲା କିଶାନ କଂଗ୍ରେସ ସଂଯୋଜକ ଜୟନ୍ତ କୁମାର ମହାପାତ୍ର, ପୂର୍ବତନ ସମିତିସଭ୍ୟ ରବୀନ୍ଦ୍ର ଦାସ, ସଦାନନ୍ଦପୁର ପଞ୍ଚାୟତ କଂଗ୍ରେସ ସଭାପତି କମଳଲୋଚନ ଜେନା, ଯୁବନେତା ଜଗଦୀଶ ସାହୁ, ଅରୁଣ ମଣ୍ଡଳ, ବିଜୟ ସାହୁ, ପରମାନନ୍ଦ ଦାସ, ପତ୍ରଝଡ଼ା ପଞ୍ଚାୟତ ଯୁବ କଂଗ୍ରେସ ସଭାପତି ନାଲୁ ଚରଣ ପୃଷ୍ଟି, ବ୍ଲକ କଂଗ୍ରେସ ଉପସଭାପତି ନରେନ୍ଦ୍ର ଦାସ, ମାନସ ବେହେରା ଓ ଭାଗିରଥୀ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାହାଡ଼ା ପଞ୍ଚାୟତର କଂଗ୍ରେସ ଯୁବ ସଭାପତି ପରମାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିଘାଟ ଲିଜ୍‌ଧାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ

ମୋରଡ଼ା,୫।୪(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ମୋରଡ଼ା ତହସିଲ ଅଧୀନ ବଡ଼ମୁଣ୍ଡାବଣିସ୍ଥିତ ଜମ୍ବୀରା ନଦୀ ବାଲି ଘାଟରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖିବାକୁ ମିଳିଛି। ଉକ୍ତ ବାଲି ଘାଟକୁ ଲିଜ୍‌ରେ ନେଇଥିବା ଲିଜଧାରୀଙ୍କୁ ପ୍ରାୟ ୫ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଗ୍ରାମବାସୀ ଅଟକ ରଖିବା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ବଡ଼ମୁଣ୍ଡାବଣି ବାଲି ଘାଟ ପୂର୍ବରୁ ନିଲାମ ହୋଇ ନ ଥିଲା । ସ୍ଥାନୀୟ ଲୋକେ ସେଠାରୁ ଚୋରାରେ ବାଲି ଉତ୍ତୋଳନ କରି ବିକ୍ରି କରୁଥିଲେ। ତେବେ ରାଜସ୍ୱ ବିଭାଗ ପକ୍ଷରୁ ବାଲିଘାଟ ନିଲାମ ହେବା ପରେ ବୁଧବାର ଲିଜଧାରୀ ଘାଟ ବୁଲିବାକୁ ଯାଇଥିଲେ। କିନ୍ତୁ ଘାଟରେ ବାଲି ଉତ୍ତୋଳନ ହୋଇ ପାରିବ ନାହିଁ କି କାହାକୁ ବାଲି ଉତ୍ତୋଳନ କରିବାକୁ ଦେବୁ ନାହିଁ ବୋଲି କହି ଲିଜଧାରୀଙ୍କୁ ଗ୍ରାମବାସୀ ଅଟକ ରଖି ପାଟିତୁଣ୍ଡ କରିଥିଲେ। ଖବରପଇେ ଚିତ୍ରଡା ଫାଣ୍ଡି ଏବଂ ମୋରଡା ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଗ୍ରାମବାସୀ ଲିଜଧାରୀଙ୍କୁ ଛାଡ଼ି ଥିଲେ ଗ୍ରାମବାସୀ । ଏବାବଦରେ ମୋରଡା ତହସିଲଦାର ଅନନ୍ତ କୁମାର ହାଁସଦାଙ୍କୁ ପଚାରିବାରୁ ଘାଟର ନିଲାମ ସରିଛି ଏବଂ ସରପଞ୍ଚ ମଧ୍ୟ ଏନ୍ଓସି ଦେଇ ସାରିଛନ୍ତି । ତେଣୁ ଘାଟରେ ବାଲି ଉତ୍ତୋଳନ ହୋଇ ପାରିବ ବୋଲି ସେ କହିଛନ୍ତି।

## କ୍ଲଷ୍ଟରସ୍ତରୀୟ ଖେଳଣା ପ୍ରସ୍ତୁତି କର୍ମଶାଳା

ଢେଙ୍କିକୋଟ,୫।୪(ଡି.ଏନ.ଏ)

କେନ୍ଦୁଝର ଜିଲା ଢେଙ୍କିକୋଟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଢେଙ୍କିକୋଟ ଆଞ୍ଚଳିକ ସାଧନକେନ୍ଦ୍ର (କ୍ଲଷ୍ଟର)ସ୍ତରୀୟ ଖେଳଣା ପ୍ରସ୍ତୁତି କର୍ମଶାଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷକ ପୂର୍ଣ୍ଣାନନ୍ଦ ସିଂହ ଉଦ୍‌ଘାଟନ କରିଥିଲେ। କ୍ଲଷ୍ଟର ସିଆରସିସି ସଚ୍ଚିଦାନନ୍ଦ ପ୍ରଧାନଙ୍କ ସଂଯୋଜନାରେ ଢେଙ୍କିକୋଟ କ୍ଲଷ୍ଟର ଅଧୀନରେ ଥିବା ଢେଙ୍କିକୋଟ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କପାସପଡ଼ା ମା' ତାରିଣୀ ନୋଡାଲ ବିଦ୍ୟାଳୟ, ଟିକିରା ପ୍ରାଥମିକ ବିଦ୍ୟାଳୟ, ମାଛଭଣ୍ଡାର ପ୍ରାଥମିକ ବିଦ୍ୟାଳୟ, କାଶିବେଢ଼ା ପ୍ରାଥମିକ ବିଦ୍ୟାଳୟ, ମହୁଲଗାଡ଼ିଆ ପ୍ରାଥମିକ ବିଦ୍ୟାଳୟ, ସାନ ବରବେଢ଼ା ପ୍ରାଥମିକ ବିଦ୍ୟାଳୟ, ଗିଧିବାସ ପ୍ରାଥମିକ ବିଦ୍ୟାଳୟ, ପାଣପଶି ପ୍ରାଥମିକ ବିଦ୍ୟାଳୟ, ମୁଦ୍ରାବେଢ଼ା ପ୍ରାଥମିକ ବିଦ୍ୟାଳୟ, ତଣ୍ଡିବେଢ଼ା ପ୍ରାଥମିକ ବିଦ୍ୟାଳୟ, ଖଣ୍ଡଘର ପ୍ରାଥମିକ ବିଦ୍ୟାଳୟ ଏବଂ ପାରାଭା ସାହିର ପ୍ରାଥମିକ ବିଦ୍ୟାଳୟର ୨୨ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଛନ୍ତି। ରାଜ୍ୟସରକାରଙ୍କ ନୂତନ ଶିକ୍ଷା ନୀତିରେ ପ୍ରାଥମିକସ୍ତରରୁ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷୟିତ୍ରୀ, ଶିକ୍ଷକମାନେ କିପରି ହସି ଖେଳି, କଣ୍ଢେଇ ମାଧ୍ୟମରେ ମିଶାଣ, ଫେଡ଼ାଣ, ହରଣ, ଗୁଣନ ସାଙ୍ଗକୁ ଅନ୍ୟାନ୍ୟ ପାଠ ସହଜରେ ଶିଖାଇ ପାରିବେ ସେ ନେଇ ବିଭିନ୍ନ ପ୍ରକାର ମୁଖା, ପଶୁପକ୍ଷୀ ଏବଂ କୁମ୍ଭୀର ଭଳି ପ୍ରାଣୀଙ୍କ କଣ୍ଢେଇ ନିର୍ମାଣ କରି ଶିକ୍ଷାଦାନ କରିବାକୁ ଶିକ୍ଷା ଦିଆଯାଉଛି।


କର୍ମଶାଳାରେ ପ୍ରଶିକ୍ଷଣ ନେଉଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

# ଲୋକବାଦ୍ୟ ଢୋଲକ ସମ୍ମିଳନୀ

## ପରିବେଷଣ କଲେ ୧୫ ସଂଗଠନ

ଭଦ୍ରକ ଅଫିସ,୫।୪


ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଲୋକବାଦ୍ୟ ଢୋଲକ ବାଦନ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରସାର ପାଇଁ ମଙ୍ଗଳବାର ଉତୁକୁଡ଼ା ପଞ୍ଚାୟତର ବହୁସିଙ୍ଗିଟି ଗ୍ରାମସ୍ଥିତ ମା'ତାରିଣୀ ପୀଠରେ ଢୋଲକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ବିଶ୍ୱ ବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ତଥା ନାଟ୍ୟକାର ଅଟଳ ବିହାରୀ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ସ୍ତମ୍ଭକାର ବିଜୟ ଦାସ, ସ୍ୱତନ୍ତ୍ର ବକ୍ତା ସାହିତ୍ୟିକ ଦୟାନିଧି ମିଶ୍ର, ଅନ୍ୟତମ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଖବରଦାତା ତପନ କୁମାର ମିଶ୍ର, ପୂର୍ବତନ ସାମରିକ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇ ଢୋଲକର ତାଳ ବିନା ସଙ୍ଗୀତର ମୂର୍ଚ୍ଛନା କି ନୃତ୍ୟର ଝଙ୍କାର ଅଧୁରା ବୋଲି ମତବ୍ୟକ୍ତ କରିଥିଲେ। ବହୁସିଙ୍ଗିଟି, ଉତୁକୁଡ଼ା, ବେଗୁନିଆ, ପାଞ୍ଚୁଡ଼ା, ମୃଗନୟନୀ, କିଆ ତେନ୍ଦୁଳି, କରଣ ପୋଖରୀ, ନଳଗୋହିରା ସମେତ ୧୫ଟି ଢୋଲକ ବାଦ୍ୟ ସଙ୍ଗଠନ ଏହି ସମ୍ମିଳନୀ ମଞ୍ଚରେ ଢୋଲକ ବାଦନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଢୋଲକ, ଡୁବି ତବଲା, ହାରମୋନିୟମ୍, ସଙ୍ଗୀତ ଆଦିରେ ସିଦ୍ଧହସ୍ତ ମହିଳା କଳାକାର ସରୋଜିନୀ ମଲ୍ଲିକ୍‌ଙ୍କ ସମେତ କେତେକ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତୁକୁଡ଼ା ସରପଞ୍ଚ ସ୍ୱର୍ଣ୍ଣଲତା ପୁହାଣ, ମଦନ ମୋହନ ଜୀଉ ଢୋଲକ ବାଦ୍ୟ ସଙ୍ଗଠନ ସଭାପତି ବସନ୍ତ ଧଳ, ସମ୍ପାଦକ ମହେନ୍ଦ୍ର ଧଳ, ଚାନ୍ଦବାଲି ବ୍ଲକ୍ କଳାକାର ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା, ସୁଶାନ୍ତ କୁମାର ପୁହାଣ ପ୍ରମୁଖ ସହଯୋଗ କରିଥିଲେ।

# ଜିଲାରେ ଥମୁନି ବାଲି ଚୋରାଚାଲାଣ

## ଭାଜପା ନଦୀ ସୁରକ୍ଷା ସମିତି ପକ୍ଷରୁ ଦାବିପତ୍ର

କେନ୍ଦୁଝର,୫।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଜୀବନ ରେଖା କୁହାଯାଉଥିବା ବୈତରଣୀ ନଦୀ ସମେତ ଅନ୍ୟାନ୍ୟ ନଦୀରୁ ବାଲି ଉତ୍ତୋଳନ ଓ ଚୋରାଚାଲାଣ ହୋଇ ଆସୁଛି। ଏନେଇ ଅଭିଯୋଗ ହେଲେ ମଧ୍ୟ ଧମିବାରେ ନାଁ ଧରୁନି। ଫଳରେ ନଦୀନାଳ ଅସୁରକ୍ଷିତ ହୋଇପଡୁଛି। ବହୁ ସଂଖ୍ୟାରେ ବାଲି ବୋଝେଇ ଟ୍ରକ, ଟିପର ଆଦି ଗ୍ରାମାଞ୍ଚଳ ରାସ୍ତାରେ ଚଳାଚଳ ହେଉଥିବାରୁ ସାଧାରଣ ଲୋକ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଓଭର ଲୋଡ ଦ୍ୱାରା ରାସ୍ତା ଘାଟ ଭାଙ୍ଗୁଥିବା ବେଳେ ଦୁର୍ଘଟଣା ଘଟୁଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ନଦୀ ସୁରକ୍ଷା ସମିତି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗ ମୁତାବକ, ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ଅମୃତପୁର ଗ୍ରାମରେ ବୈତରଣୀ ନଦୀ ଘାଟରୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଗାଇଡ୍‌ଲାଇନ ଓ ରାଜ୍ୟ ଲଘୁ ଖଣିଜ ଦ୍ରବ୍ୟ ଆଇନକୁ ଉଲ୍ଲଘଂନ କରି ବେଆଇନ ଭାବରେ ବାଲି ଚୋରାଚାଲାଣ ହେଉଛି। ନଦୀର ଜଳସ୍ରୋତରୁ ମେସିନ ମାଧ୍ୟମରେ ବାଲି ଉଠାଯାଉଥିବାରୁ ଜଳଚର ପ୍ରାଣୀ କ୍ଷତିଗ୍ରସ୍ତ ହେଉଛନ୍ତି। ସେହିପରି ଲିଜ ଅଞ୍ଚଳ ବାହାରେ କାମ ଚାଲୁଥିବା ଅଭିଯୋଗ କରିଛନ୍ତି। ଘଷିପୁରା ତହସିଲ ଶାଳଦେଇ ବୈତରଣୀ ବାଲିଘାଟରୁ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ରୋକିବା ପାଇଁ ଆନ୍ଦୋଳନ ସମୟରେ ମଲ୍ଲୀ ଯେନା ନାମକ ଜଣେ ମହିଳାଙ୍କ ହତ୍ୟାକାଣ୍ଡ ଭଳି ଘଟଣା ନିକଟରେ ଘଟିଥିଲା। ଏଭଳି ବେନିୟମ ବାଲି ଚୋରାଚାଲାଣ ରୋକିବା ପାଇଁ ସମିତିର ରାଜ୍ୟ ସଭାପତି ମହେଶ୍ୱର ସାହୁ, ପ୍ରାଣବନ୍ଧୁ ସାହୁ, ସଞ୍ଜୟ ମହାନ୍ତି, ସାହିଲ ପରିଡ଼ା, ଶ୍ୟାମ ଯାଦବ, ସାବିତ୍ରୀ ବିଶ୍ୱାଳ, ଭାଗିରଥୀ ସିଂ, ଅସିତ୍ ରଞ୍ଜନ ମହାନ୍ତି, ମକରଧ୍ୱଜ ନାଏକ ସମେତ ଦାବି କରିଛନ୍ତି।

## ୯୨ ଲିଟର ଦେଶୀ ମଦ ଜବତ

ବେତନଟୀ,(ଡି.ଏନ.ଏ): ବେତନଟୀ ଅବକାରୀ ଥାନା ଅଧୀନ ବଡସାହିର ଅସ୍ଥାଝରଣ କେନାଲ ପାଖରୁ ବୁଧବାର ୯୨ ଲିଟର ଓ ୪୬୦୦ କେଜି ପୋଚ ଜବତ ହୋଇଛି। ଦୀର୍ଘ ଦିନ ଧରି ଏହି ସ୍ଥାନରେ ବେଆଇନ ଭାବେ ମଦ ରନ୍ଧା ଯାଇ ବିଭିନ୍ନ ସ୍ଥାନକୁ ବିକ୍ରି ପାଇଁ ନିଆ ଯାଉଥିଲା । ବିଶେଷ ସୂତ୍ରରୁ ଖବର ପାଇ ବେତନଟୀ ଅବକାରୀ ପୋଲିସ ଚଢ଼ାଉ କରିଥିବା ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଏନେଇ ଏକ ମାମଲା(ନଂ.୩/୨୩) ରୁଜୁ ହୋଇଛି।

### ସଂକ୍ଷେପରେ

## ସମିତି ସମ୍ପାଦକଙ୍କ ନିଲମ୍ବନ ଆଦେଶକୁ ନେଇ ଅସନ୍ତୋଷ

ତିହିଡ଼ି,୫।୪(ଡି.ଏନ.ଏ.)- ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ଶ୍ୟାମସୁନ୍ଦରପୁର ସମବାୟ ସମିତିର ସମ୍ପାଦକ କାଳନ୍ଦୀ ଚରଣ ଦାସଙ୍କୁ ସମିତିର ସଭାପତି ନିଲମ୍ବନ କରିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତାଙ୍କୁ ଆକ୍ରୋଶମୂଳକ ଭାବେ ନିଲମ୍ବନ କରାଯାଇଥିବା ସମିତିର ବୋର୍ଡ଼ ସଦସ୍ୟମାନେ ଅଭିଯୋଗ କରିଛନ୍ତି। ନିରପେକ୍ଷ ତଦନ୍ତ କରି ପଦକ୍ଷେପ ନେବାକୁ ସମବାୟ ସମିତି ଶାସନ ସଚିବ, ଜିଲାପାଳ, ଅତିରିକ୍ତ ନିବନ୍ଧକ, ଉପନିବନ୍ଧକ, ସହକାରୀ ନିବନ୍ଧକ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସମବାୟ ସମିତିରେ ଋଣୀ, ଜମାକାରୀ, ଚାଷୀମାନେ ଯେମିତି ଅସୁବିଧାରେ ନ ପଡ଼ନ୍ତି ସେଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବୋର୍ଡ଼ ସଦସ୍ୟ ଲକ୍ଷ୍ମଣ ଦାସ, ରମାକାନ୍ତ ଦାସ, ରାଜୀବ ରାଉତ, ସୁବାଶିଷ ଦାସ, ସୁରଥ ଦାସ ଓ ମୂରଲୀଧର ମଳିକ ପ୍ରମୁଖ ଦାବି କରିଛନ୍ତି।

## ଦେଶରେ ଗଣତନ୍ତ୍ର ଭୁଶୁଡ଼ି ପଡ଼ିଛି

ଆନନ୍ଦପୁର,୫।୪(ସ୍ୱ.ପ୍ର.)-ପୁରୁଣା ମାମଲାର ବିଚାର କରି ରାହୁଲ ଗାନ୍ଧୀଙ୍କୁ ସର୍ବାଧିକ ଦୁଇ ବର୍ଷର ଦଣ୍ଡାଦେଶ ଓ ୨୪ ଘଣ୍ଟା ମଧ୍ୟରେ ସାଂସଦ ପଦ ରଦ୍ଦ ଘଟଣାକୁ ନେଇ ଆନନ୍ଦପୁରର ବରିଷ୍ଠ କଂଗ୍ରେସ ନେତା, ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ବୁଧବାର ଏକ ପ୍ରେସ୍ ମିଟ୍ ଜରିଆରେ କେନ୍ଦ୍ର ସରାକାରଙ୍କୁ ଭର୍ତ୍ସନା କରିଛନ୍ତି। ଦେଶରେ ଗଣତନ୍ତ୍ର ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। କେନ୍ଦ୍ର ଭାଜପା ସରକାରଙ୍କ ହୀନମନ୍ୟତାର ଜବାବ ୨୦୨୪ ନିର୍ବାଚନରେ ମିଳିବ ବୋଲି ଜେନା ପ୍ରକାଶ କରିଥିଲେ। ପୂର୍ବରୁ ଅନେକବାର କଂଗ୍ରେସର ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଆସୁଥିବା ଭାଜପା ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ସାମାନ୍ୟ ମନ୍ତବ୍ୟକୁ ନେଇ ମାନହାନୀ ମକୋଦ୍ଦମା କରିବା ଗଣତନ୍ତ୍ରକୁ ପ୍ରଭାବିତ କରିଥିବା ପ୍ରକାଶ କରିଛନ୍ତି। ଏଭଳି ଘଟଣାକୁ ନେଇ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ କଂଗ୍ରେସ ଜୟ ଭାରତ ସତ୍ୟାଗ୍ରହ ମାଧମରେ ତୃଣମୂଳସ୍ତରରେ ଲୋକଙ୍କ ନିକଟତର ହେବାକୁ ନିଷ୍ପତ୍ତି ନେଇଥିବା ପୂର୍ବତନ ପିସିସି ସଭାପତି ପ୍ରକାଶ କରିଛନ୍ତି। କେନ୍ଦୁଝର ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ହାଡ଼ିବନ୍ଧୁ ଖୁଣ୍ଟିଆଙ୍କ ସଂଯୋଜନାରେ ଆୟୋଜିତ ପ୍ରେସ୍ ମିଟରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀଧର ଦଳେଇ, ଅକ୍ଷୟ ମହାନ୍ତି, ନିକୁଞ୍ଜ ବିହାରୀ ମିଶ୍ର, ଯୁବ କଂଗ୍ରେସ ନେତା ବିଷ୍ଣୁ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ପ୍ରବନ୍ଧ, ସ୍ଲୋଗାନ ପ୍ରତିଯୋଗିତା

ବେତନଟୀ,୫।୪(ଡି.ଏନ.ଏ.) ବେତନଟୀ ବ୍ଲକ ଅଧୀନ ଏସ.ଏସ ନୋଣ୍ଡାଶଳ ଗ୍ରାମରେ ଥିବା ଜବାହର ନବୋଦୟ ବିଦ୍ୟାଳୟରେ ମଙ୍ଗଳବାର ଜି- ୨୦ ଜନ ଆନ୍ଦୋଳନ ବିଷୟରେ ପ୍ରବନ୍ଧ ଓ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ହରିହର ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନଙ୍କୁ ମଧରେ ଏହି ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପରଶମଣି ମହାନ୍ତ, ରାଜେଶ କୁମାର ମାଝି, ଅଭିଷେକ କୁମାର ସିଂ ମୁଖ୍ୟ ପରିଚାଳନା କରିଥିଲେ।

# ସମ୍ପ୍ରସାରଣ ହେଲେ ୭୬୦ଙ୍କୁ ନିଯୁକ୍ତି ସୁଯୋଗ

### ଏମ୍ଏସ୍ପି ସ୍ପଞ୍ଜ ଆଇରନ କାରଖାନାର ଜନଶୁଣାଣି

### ସମର୍ଥନ ଜଣାଇଲେ ଅଞ୍ଚଳବାସୀ

କେନ୍ଦୁଝର, ୫।୪ (ସ୍ୱ.ପ୍ର./ଡି.ଏନ୍.ଏ)



ଜନଶୁଣାଣିରେ ଉପସ୍ଥିତ ଅଧିକାରୀ ଓ ସ୍ଥାନୀୟ ଅଞ୍ଚଳବାସୀ।

କେନ୍ଦୁଝର ଜିଲା ସଦର ବ୍ଲକ୍ ହଳଦିଆଗୁଣା ଗ୍ରାମରେ ଥିବା ଏମ୍ଏସ୍ପି କାରଖାନାର ସମ୍ପ୍ରସାରଣ ପାଇଁ ସ୍ଥାନୀୟ ପ୍ରଭାବିତ ଅଞ୍ଚଳର ଲୋକଙ୍କ ମତାମତ ଲୋଡ଼ିବା ପାଇଁ ଗ୍ରାମରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଅଧକ୍ଷତା କରିଥିଲେ। ପ୍ରାୟ ୭୫୮ କୋଟି ଟଙ୍କା ବ୍ୟୟରେ ଏହି ସମନ୍ୱିତ ଇସ୍ପାତ ପ୍ରକଳ୍ପର ସମ୍ପ୍ରସାରଣ ହେବ। ଏଥିପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ନିୟମାନୁଯାୟୀ ପରିବେଶୀୟ ମଞ୍ଜୁରୀ ପୂର୍ବରୁ ଏଭଳି ଜନଶୁଣାଣି ମାଧମରେ ସ୍ଥାନୀୟ ଅଞ୍ଚଳରେ ଏହାର କ'ଣ ପ୍ରଭାବ ପଡ଼ିବ, ସେ ନେଇ ପ୍ରଭାବିତ ଅଞ୍ଚଳ ଲୋକଙ୍କ ମତ ସଂଗ୍ରହ କରାଯାଇଥିଲା।

ପ୍ରାରମ୍ଭରେ ଏମ୍ଏସ୍ପି ସ୍ପଞ୍ଜ ଆଇରନ କାରଖାନାର ନିର୍ଦ୍ଦେଶକ ପ୍ରଦୀପ ଦେ ପ୍ରକଳ୍ପ ବିଷୟର ବିବରଣୀ ପାଠ କରି କାରଖାନା ସମ୍ପ୍ରସାରଣ ହେଲେ ୭୬୦ ଜଣ କର୍ମ ନିଯୁକ୍ତି ପାଇବେ। ପାରିପାର୍ଶ୍ୱିକ ଉନ୍ନତି ପାଇଁ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସୂଚନା ଦେଇଥିଲେ। ସମ୍ପ୍ରସାରଣ ପରେ ସମନ୍ୱିତ ଇସ୍ପାତ ପ୍ରକଳ୍ପର ଲୌହ ବେନିଫିକେସ ଉତ୍ପାଦନ କ୍ଷମତା ୨.୦ ଏମଟିପିଏକୁ ବୃଦ୍ଧି ପାଇବା ସହ ଲୌହ ଖଣିଜ ଗ୍ରାଇଣ୍ଡିଂ ୧.୫ ଏମ୍ଟିପିଏ, ପେଲେଟ ୧.୮ଏମଟିପିଏ, ସ୍ପଞ୍ଜ ଲୌହ ୦.୩୭୨ ଏମଟିପିଏ, ବିଲେଟ (ଆଇଏଫ-ସିସିଏମ) ୦.୪୮୪ ଏମଟିପିଏ, ହଟ ରୋଲଡ୍ ଉତ୍ପାଦନ ୦.୪୧ ଏମଟିପିଏ, କ୍ୟାପଟିଭ ପାୱାର ପ୍ଲାଣ୍ଟ ୪୪ ମେଗାୱାଟ (ଡବ୍ଲ୍ୟୁଏଚଆରବି-୨୬ ମେଗାୱାଟ ଏବଂ ଏଏଫବିସି-୧୪ ମେଗାୱାଟ) ପ୍ରୋଡ୍ୟୁସର ଗ୍ୟାସ ପ୍ଲାଣ୍ଟ ୧୭.୧୦୦ ନର୍ମାଲ ଘନମିଟର, ପିସିଆଇ ଘଣ୍ଟା ପ୍ରତି ୧୩.୧୬ ଟନ, ସ୍ଲାଗ କ୍ରସର ଘଣ୍ଟା ପ୍ରତି ୧୧.୨୫ ଟନକୁ ବୃଦ୍ଧି ପାଇବ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ. ପ୍ରଶାନ୍ତ କର ସଭାକୁ ପରିଚାଳନା କରିଥିଲେ। ଶୁଣାଣିରେ ଗୋବର୍ଦ୍ଧନ ପଞ୍ଚାୟତର ବଣ୍ଣୁଆ, ଗୋବର୍ଦ୍ଧନ, ବାଲିସୁଆଁ, ସେଣ୍ଡକାପ, ରଙ୍ଗମାଟିଆ ଗ୍ରାମ, କାଉଁରିକଳା ପଞ୍ଚାୟତର ହଳଦିଆଗୁଣା, କାଉଁରିକଳା, ଖୁଣ୍ଟାପଡ଼ା ଓ ବଉଳମାଳ ଗ୍ରାମର ଶତାଧିକ ପ୍ରଭାବିତ ଗ୍ରାମବାସୀ ଉପସ୍ଥିତ ଥିଲେ। ୮ ଜଣ ଲିଖିତ ଏବଂ ୫୧ ଜଣ ଲୋକ ମୌଖିକ ଭାବେ କାରଖାନା ସମ୍ପ୍ରସାରଣ ସପକ୍ଷରେ ମତ ଉପସ୍ଥାପନ କରି ପାର୍ଶ୍ୱବର୍ତ୍ତୀ ଗ୍ରାମର ଉନ୍ନତି, ସ୍ଥାନୀୟ ଯୁବତୀଯୁବକମାନଙ୍କ ନିଯୁକ୍ତିକୁ ଦାବି କରିଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟର ଉପ ପରିବେଶ ଯନ୍ତ୍ରୀ ଇଂ ନିବେଦିତା ଦାସ ବେବର୍ତ୍ତାଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସଭାରେ ସିନିୟର ଉପସଭାପତି କମର୍ସିଆଲ ବସନ୍ତ ସାହୁ, ସିନିୟର ଜିଏମ ସଞ୍ଜୟ ସାହୁ, ଏଜିଏମ୍ ଏଚ୍ଆର କର୍ପୋରେଟ କୋଅର୍ଡିନେସନ ତାପସ ଆଚାର୍ଯ୍ୟ, ସିନିୟର ଜିଏମ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ବିଦ୍ୟାଳୟରେ ନାମ ଲେଖାଇବାକୁ ସଚେତନତା

ବାଲେଶ୍ୱର ଅଫିସ, ୫।୪



ଛାତ୍ରୀଛାତ୍ରଙ୍କ ଦ୍ୱାରା ସହର ପରିକ୍ରମା କରାଯାଉଛି।

ବାଲେଶ୍ୱର ସହର ଏଡ଼ିଏମ୍ ଛକସ୍ଥିତ ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓ ଘରୋଇ ସ୍କୁଲ ଭଳି ଶିକ୍ଷା ଦିଆଯାଉଛି। ତେଣୁ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ସମ୍ପୂର୍ଣ୍ଣ ମାଗଣାରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ବୁଧବାର ଏହି ବାର୍ତ୍ତା ନେଇ ପବ୍ଲିକ ହାଇସ୍କୁଲର ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ପାଳନ କରିଛନ୍ତି ପ୍ରବେଶ ଉତ୍ସବ।

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଏବଂ ୫-ଟି ସଚିବଙ୍କ ମିଳିତ ଯୋଜନାରେ ସରକାରୀ ସ୍କୁଲଗୁଡ଼ିକର ରୂପାନ୍ତରୀକରଣ ଯୋଜନା ଜିଲାରେ ଆରମ୍ଭ ହେବା ପରେ ସ୍କୁଲଗୁଡ଼ିକର କାୟାକଳ୍ପରେ ବ୍ୟାପକ ପରିବର୍ତ୍ତନ ଘଟିଛି। ଏହି ପରିପ୍ରେକ୍ଷୀରେ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରି ସରକାରୀ ବିଦ୍ୟାଳୟରେ ନାମ ଲେଖାଇବାକୁ ସ୍ଲୋଗାନ ଦେଇଥିଲେ।

ଏହି ଅବସରରେ ନୂଆ କରି ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ଫୁଲଚନ୍ଦନ ଲଗାଇ ସ୍ୱାଗତ କରାଯାଇଥିଲା। ଶିକ୍ଷାବିତ୍ ବଟକୃଷ୍ଣ ମିଶ୍ର, କବି ପ୍ରଶାନ୍ତ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ କିଶୋର ଦାସ, ସଦସ୍ୟ ସୁବ୍ରତ ନାରାୟଣ ସିଂ, ବିଦ୍ୟାଧର ବେହେରା, ମନୀଷା ଦାସ, ରେବତୀ ବେହେରା, ମଧୁସ୍ମିତା ସାହୁ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ।

ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀମଣି ସାହୁ କହିଛନ୍ତି, ଘରୋଇ ସ୍କୁଲ ଭଳି ସରକାରୀ ବିଦ୍ୟାଳୟରେ କମ୍ପ୍ୟୁଟର ରୁମ୍, ଲାବୋରେଟୋରୀ ବ୍ୟବସ୍ଥା ରହିଛି। ପ୍ରଶିକ୍ଷିତ ଶିକ୍ଷକ ବିଦ୍ୟାଦାନ କରୁଛନ୍ତି। ସରକାର ମଧ୍ୟ ଡାକ୍ତରୀ ଓ ଯାନ୍ତ୍ରିକ ବିଭାଗରେ ପଢ଼ିବା ପାଇଁ ୧୫ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା କରିଛନ୍ତି। ଘରୋଇ ବିଦ୍ୟାଳୟରେ ଅଭିଭାବକ ଖର୍ଚ୍ଚାନ୍ତ ହୋଇ ସୁଫଳ ପାଉନାହାନ୍ତି। ତେଣୁ ସେମାନେ ଏବେ ସରକାରୀ ସ୍କୁଲରେ ନିଜ ପିଲାଙ୍କୁ ଭର୍ତ୍ତି କରୁଥିବା ପ୍ରକାଶ କରିଥିଲେ।

## ପ୍ରମୋଦ ମାର୍କଫେଡର ରାଜ୍ୟ ଉପସଭାପତି

କେନ୍ଦୁଝର,୫।୪(ଡି.ଏନ୍.ଏ.)

କେନ୍ଦୁଝର ଜିଲା ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ ମାର୍କଫେଡର ରାଜ୍ୟ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଭୁବନେଶ୍ୱରର ବିଭାଗୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ନିର୍ବାଚନରେ ରାଜ୍ୟ ପର୍ଯ୍ୟବେକ୍ଷକ ବିଜୟ ନାୟକ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ଘୋଷଣା କରିବା ପରେ ପଟ୍ଟନାୟକ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନିର୍ବାଚନରେ ଅନ୍ୟ କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ପ୍ରମୋଦଙ୍କୁ ଆନୁଷ୍ଠାନିକ ଭାବେ ନିର୍ବାଚିତ ଘୋଷଣା କରାଯାଇଥିଲା। ଏହି ଅବସରରେ ବୁଧବାର ଦିନ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି କାନନ ବିହାରୀ ପହି, ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ଆଇନଜୀବୀ ସଂଘର ସଭାପତି ଆଶିଷ ଚକ୍ରବର୍ତ୍ତୀ, ବିଜେଡି ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଦେବୁ ପଟ୍ଟନାୟକ, ଅଟଳ ବିହାରୀ ଶତପଥି ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ମଦନ



@ରଘୁରାମ



@ଲିକୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ସବୁଜ କ୍ଲବ୍ ବାର୍ଷିକ ଉତ୍ସବ ଉଦ୍‌ଯାପିତ

# ଦର୍ଶକଙ୍କୁ ମତୁଆଲା କଲେ ସତ୍ୟଜିତ୍

ଭଦ୍ରକ ଅଫିସ,୫।୪(ସ୍ୱ.ପ୍ର.)



ମଞ୍ଚାସୀନ ଅତିଥିମାନେ।

ଭଦ୍ରକ ଜିଲା ଚରମ୍ପାସ୍ଥିତ ପରସିଙ୍ଗା ସବୁଜ କ୍ଲବ୍‌ର ୪୬ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ଦୁଇ ଦିନ ଧରି ଜାରି ରହିଥିବା କାର୍ଯ୍ୟକ୍ରମର ଦ୍ୱିତୀୟ ଦିନ ଅର୍ଥାତ୍ ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ବ୍ଲକ୍ ଅଧକ୍ଷା ଉର୍ମିଳା ନାୟକ, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଶଶି ପାଣିଗ୍ରାହୀ, ବ୍ଲକ୍ ସଭାପତି ପ୍ରଫୁଲ୍ଲ ନାୟକ, ପୂର୍ବତନ ଏରେଇଁ ସରପଞ୍ଚ ରତ୍ନାକର ସାମଲ, ପରସିଙ୍ଗା ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ସସ୍ମିତା ମହାନ୍ତି, ଯୁବ ସାମାଜିକକର୍ମୀ ଶିଶିର ମିଶ୍ର, ସଭାପତି ରଘୁନାଥ ନାୟକ, ସମ୍ପାଦକ ଅଜୟ ଧଳ, କୋଷାଧକ୍ଷ କୃତୀବାସ ମହାନ୍ତି, ପ୍ରଦୀପ ମହାନ୍ତି, ପ୍ରିୟବ୍ରତ ନାୟକ, ରତ୍ନାକର ମହାନ୍ତି, ସୁଜିତ୍ ନାୟକ, ସନାତନ ବେହେରା, ଶମ୍ଭୁନାଥ ମହାନ୍ତି, ଲକ୍ଷ୍ମୀଧର ସାହୁ, ମୋନାନ ଖାଁ, ଚନ୍ଦ୍ରମଣି ସାହୁ, ଅମର ରଥ, ପ୍ରଶାନ୍ତ ବେହେରା, ଦୀପକ ମହାନ୍ତି, ତପନ ମହାନ୍ତି ସମେତ ବହୁ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏହି ଅବସରରେ କ୍ଲବ୍‌ର ନୂତନ ସଭା ଗୃହର ଶୁଭ ଉଦ୍‌ଘାଟନ ହୋଇଥିଲା। ମେଲୋଡି ସନ୍ଧ୍ୟାରେ ହଜାର ସଂଖ୍ୟାରେ ଦର୍ଶକ ମଜା ନେଇଥିଲେ। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ ଦର୍ଶକଙ୍କୁ ମତୁଆଲା କରିଥିଲେ। ପ୍ରକାଶ ଯେ, କ୍ଲବ୍ ୧୯୭୭ରୁ ଆରମ୍ଭ ହୋଇଥିବା ବେଳେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ଅନେକ ପ୍ରଶଂସା ସାଉଁଟି ପାରିଛି। ଶେଷରେ କ୍ଲବ୍‌ରେ ଆଗାମୀ ଦିନରେ କିପରି ଉନ୍ନତି ହେବ ଓ କଳା ସଂସ୍କୃତି ବଞ୍ଚିରହିବ ସେ ନେଇ ସମସ୍ତ ମେମ୍ବର ଦୃଷ୍ଟି ଦେବା ନେଇ କ୍ଲବ୍‌ର ସମ୍ପାଦକ ଅଜୟ ଧଳ ମତ ପ୍ରକାଶ କରିଥିଲେ।

## ଅନାଥାଶ୍ରମରୁ ଶିଶୁ ନିଖୋଜ

### ଉଦ୍ଧାର ପାଇଁ ଅଭିଭାବକଙ୍କ ଦାବି

ଯୋଡ଼ା,୫।୪(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ପୌରାଞ୍ଚଳ ଅନ୍ତର୍ଗତ ବନେଇକଳା ମୁଣ୍ଡା ସାହିର ଜଣେ ଶିଶୁ ଚାଇଲ୍ଡଲାଇନର ଅନାଥାଶ୍ରମରୁ ନିଖୋଜ ହୋଇଯାଇଛନ୍ତି। କରୋନା ସମୟରେ ସରକାରଙ୍କ ନିର୍ଦ୍ଦେଶରେ ଶିଶୁଙ୍କୁ ଆଶ୍ରମରେ ରଖାଯାଇଥିଲା। ଏବେ ଶିଶୁ ଅନାଥାଶ୍ରମରେ ନ ଥିବାରୁ ତାଙ୍କୁ ଉଦ୍ଧାର ପାଇଁ ଅଭିଭାବକ ଦାବି କରିଛନ୍ତି। ଯୋଡ଼ା ପୌରାଞ୍ଚଳ ସିଡିପିଓ ମାନସୀ ବେହେରାଙ୍କ ସୂଚନା ଅନୁଯାୟୀ, କରୋନା ସମୟରେ ସରକାର ଏକ ଗାଇଡ୍‌ଲାଇନ ଜାରି କରି ମାଆବାପା ଛେଉଣ୍ଡ ଶିଶୁମାନଙ୍କୁ ଚିହ୍ନଟ କରି ଥଇଥାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ସମୟରେ ଯୋଡ଼ା ସିଡିପିଓ ବନେଇକଳା ମୁଣ୍ଡା ସାହିର ଜଣେ ୪ବର୍ଷର ଶିଶୁଙ୍କୁ ଚିହ୍ନଟ କରି ୨୩ ମାର୍ଚ୍ଚ ୨୦୨୨ରେ ଚିଠି ମାଧମରେ ଚମ୍ପୁଆ ଚାଇଲ୍ଡଲାଇନକୁ ହସ୍ତାନ୍ତର କରିଥିଲେ। ଶିଶୁଟି ଆନନ୍ଦପୁରଠାରେ ଥିବା ଏକ ଅନାଥାଶ୍ରମରେ ରହିଥିବା ବେଳେ ମଙ୍ଗଳବାର ଦିନ ଶିଶୁଙ୍କ କକା ସୋମା ମୁଣ୍ଡା ଦେଖାକରିବାକୁ ଯାଇ ଶିଶୁଙ୍କୁ ସେଠାରେ ପାଇ ନ ଥିଲେ। ସେଠାରୁ ବମ୍ବେ ଚାଲିଯାଇଥିବା ତାଙ୍କୁ କୁହାଯାଇଥିଲା ବୋଲି ସେ ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ। ଶିଶୁକୁ କିପରି ଉଦ୍ଧାର କରାଯିବ ବୋଲି ସିଡିପିଓଙ୍କୁ ପଚାରିବାରୁ ସେ ଏ ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ ଓ ଶିଶୁକୁ ଉଦ୍ଧାର କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

# ତୀରବିଦ୍ଧ ମୃତ କୁଟୁରା ଜବତ

### ୭ ଶିକାରୀ ଗିରଫ

ବାରିପଦା ଅଫିସ/ ଠାକୁରମୁଣ୍ଡା,୫।୪(ଡି.ଏନ.ଏ.)



ଜବତ ମୃତ କୁଟୁରା ଓ ଗିରଫ ଶିକାରୀ।

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ଅଞ୍ଚଳରୁ ବନବିଭାଗ ଏକ ତୀରବିଦ୍ଧ ମୃତ କୁଟୁରା ଜବତ କରିବା ସହ ୭ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଧନୁ,ତୀର, ଫାଶ,କଟୁରି, କୁରାଢ଼ି ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏ ସଂକ୍ରାନ୍ତରେ ରେଞ୍ଜ ପକ୍ଷରୁ ଏକ ମାମଲା ରୁଜୁ ପରେ ଅଧିକ ତଦନ୍ତ ଜାରି ରହିଛି। ଗିରଫ ଅଭିଯୁକ୍ତମାନେ ହେଲେ ସାତକୋଶିଆ ଅଞ୍ଚଳର ପ୍ରଶାନ୍ତ ନାଏକ, ମଗୁଲୁ ଦାସ, ଦୀନେଶ ମହାକୁଡ଼, ସନ୍ତୋଷ କୁମାର ଦାସ, ପଦ୍ମଲୋଚନ ଦାସ ଏବଂ ଘୁଲଘୁଲିଆ ଅଞ୍ଚଳର ସାଧୁ ମହାକୁଡ ଓ ଅନାମ ସୋରେନ। ସାତକୋଶିଆ ରେଞ୍ଜ ଅଧିକାରୀ ରବୀନ୍ଦ୍ର ନାଥ ମହାନ୍ତଙ୍କ ନେତୃତ୍ୱରେ ଫରେଷ୍ଟର ଗିରିଜାନନ୍ଦ ଦଳେଇ, ଫରେଷ୍ଟ ଗାର୍ଡ ସନତ ମହାନ୍ତଙ୍କ ସମେତ ବନ କର୍ମଚାରୀମାନେ ସାତକୋଶିଆ ୨ନଂ. ସଂରକ୍ଷିତ ଜଙ୍ଗଲରେ ଚଢ଼ାଉ କରି ଏହି ଶିକାରୀମାନଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଜବତ କୁଟୁରାର ବୟସ ୨ ବର୍ଷ ଏବଂ ଓଜନ ୮ କେଜି ହେବ। ଗିରଫ ଶିକାରୀମାନଙ୍କୁ ଗୁରବାର କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜ ଅଧିକାରୀ କହିଛନ୍ତି।

# 'ମାଟଲାବ୍ ଫର୍ ବିଗ୍ନେର୍ସ' ଶୀର୍ଷକ ଜାତୀୟ କର୍ମଶାଳା

### ଯୋଗଦେଲେ ୩୦ ଗବେଷକ, ବିଦ୍ୟାର୍ଥୀ

ବାଲେଶ୍ୱର ଅଫିସ, ୫।୪



କର୍ମଶାଳାରେ ଅତିଥିଙ୍କ ସହ ଗବେଷକ ଓ ବିଦ୍ୟାର୍ଥୀ।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ଆନୁକୂଲ୍ୟରେ 'ମାଟଲାବ୍ ଫର୍ ବିଗ୍ନେର୍ସ' ଶୀର୍ଷକ ୭ ଦିବସୀୟ ଜାତୀୟ କର୍ମଶାଳା ଉଦ୍‌ଘାଟିତ ହୋଇଛି। ମାଟଲାବ୍ ହେଉଛି ଏକ କମ୍ପ୍ୟୁଟର ପ୍ରୋଗ୍ରାମିଂ ସଫ୍ଟୱେୟାର୍, ଯାହାକୁ ବ୍ୟବହାର କରି ଅତି ବୃହତ୍ତର ଡାଟା ବା ତଥ୍ୟାବଳୀକୁ ଅନାୟାସରେ ବିଶ୍ଳେଷଣ କରାଯାଇ ସମାଜର ଉନ୍ନତିକରଣ ଦିଗରେ ବ୍ୟବହାର କରାଯାଇପାରିବ। ବିଶେଷତଃ ଏହା କମ୍ପ୍ୟୁଟର ସାଇନ୍ସ, ଗଣିତ, ପ୍ରଯୁକ୍ତିବିଦ୍ୟା, ଅର୍ଥନୀତି, ଭୂଗୋଳ, ଭୂତତ୍ତ୍ୱ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଅର୍ଥନୀତି ଆଦି ବିଷୟର ଗବେଷକ ଓ ଛାତ୍ରୀଛାତ୍ରଙ୍କ ସମେତ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ବିଷୟ। ସାମ୍ପ୍ରତିକ ସମୟରେ ଏହାର ଗୁରୁତ୍ୱକୁ ବୁଝି ଏଥିରେ ଓଡ଼ିଶା ଓ ଓଡ଼ିଶା ବାହାରୁ ୩୦ଜଣ ଗବେଷକ ଓ ବିଦ୍ୟାର୍ଥୀ ନାମ ପଞ୍ଜିକରଣ କରି ଅଂଶଗ୍ରହଣ କରିଛନ୍ତି।

ଉଦ୍‌ଘାଟନୀ ଅଧିବେଶନରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜିର ଏହି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଯୁଗରେ ଆମେ ଯୁଗୀୟ ବିଶେଷତ୍ୱ ଅନୁସାରୀ ବିଦ୍ୟା ଓ ଶିକ୍ଷା ସହିତ ପରିଚିତ ଓ ଅଭ୍ୟସ୍ତ ହୋଇ ନ ପାରିଲେ ପଛୁଆ ହୋଇରହିଯିବା, ଯାହାଦ୍ୱାରା ବ୍ୟକ୍ତିଗତ ସ୍ୱାର୍ଥ ବାଧାପ୍ରାପ୍ତ ହେବା ସହିତ ସମୂହସ୍ୱାର୍ଥ ମଧ୍ୟ ପ୍ରଭାବିତ ହେବାର ସମ୍ଭାବନା ରହିଛି ବୋଲି ପ୍ରକାଶ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର୍ ମୁନେଶ୍ ଚନ୍ଦ୍ର ଅଧିକାରୀ କମ୍ପ୍ୟୁଟରିକ ବିଦ୍ୟା କ୍ଷେତ୍ରରେ ସମ୍ପ୍ରତି 'ମାଟଲାବ୍' ର ବ୍ୟବହାର ତଥା ପ୍ରୟୋଗ ଅନେକ ପ୍ରକାରର ଜଟିଳ ତଥ୍ୟସମୂହର ବିଶ୍ଳେଷଣକୁ ସହଜ ଭାବରେ ପ୍ରସ୍ତୁତ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି, ତେଣୁ ଏହି ସଫ୍ଟୱେୟାର୍ ସମ୍ପର୍କରେ ସମସ୍ତେ ଜାଣିବା ଉଚିତ୍ ବୋଲି ମତ ଦେଇଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ମିଶ୍ର, ବିଷୟ ବିଶାରଦ ତଥା ଭିତ୍ତି ପ୍ରବକ୍ତା ଆଇଆଇଟି ଖଡ଼ଗପୁରରୁ ଶ୍ରୀମାନ୍ ଚିନ୍ମୟ, ଏଚ୍ଆର୍‌ଡିସିର ଉପନିର୍ଦ୍ଦେଶକ ଡ. ଦେବଦତ୍ତ ଦାସ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ଅସୀମ ଅମିତ ପ୍ରଧାନ କୃତଜ୍ଞତା ଜ୍ଞାପନ କରିଥିଲେ।

